ବର୍ଷ-୨୫, ସଂଖ୍ୟା-୧୦୦
ଭୁବନେଶ୍ୱର
୧୨, ଏପ୍ରିଲ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 100
Bhubaneswar
12, April, 2025, Saturday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଓଡ଼ିଶାରେ ଆରମ୍ଭ ହେଲା 'ଆୟୁଷ୍ମାନ ଭାରତ'

ଭୁବନେଶ୍ୱର,୧୧।୪(ମହାଭରତ): ଓଡ଼ିଶା ବିକାଶ ଇତିହାସରେ ଯୋଡିହୋଇଛି ଏକ ନୂଆ ଫର୍ଦ୍ଦ। ଆରମ୍ଭ ହୋଇଛି ବହୁ ପ୍ରତିକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଶୁକ୍ରବାର କଟକର ବାଲିଯାତ୍ରା ପଡିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି ଯେ, ଆୟୁଷ୍ମାନ ଭାରତ ଯୋଜନା ଏକ ଇନସୁରାନ୍ସ ନୁହେଁ ଏହା ହେଉଛି ଏକ ଆସ୍ୟୁରାନ୍ସ। ଏହା ପୃଥିବୀର ସବୁଠାରୁ ବୃହତମ ଯୋଜନା । ବର୍ତମାନ ସୁଦ୍ଧା ଏଥିରେ ୮କୋଟି ୯୦ ଲକ୍ଷ ଲୋକ ଉପକୃତ ହୋଇସାରିଛନ୍ତି। ନିର୍ବାଚନ ସମୟରେ ଆମେ ଏହାକୁ ଲାଗୁ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲୁ ଏବଂ ଏହାକୁ ଆଜି ଲାଗୁ ମଧ୍ୟ କଲୁ। ଓଡିଶା ଲୋକମାନେ ଠିକ୍ ସମୟରେ ଠିକ୍ ନିଷ୍ପତି ନେଇଛନ୍ତି। ତେଣୁ, ଓଡିଶାରେ ଏହି ଯୋଜନା ଲାଗୁ ହୋଇପାରିଲା। ଏହାଦ୍ୱାରା ଲୋକମାନେ ଆର୍ଥିକ ସ୍ତରରେ ଲାଭବାନ ହୋଇପାରିବେ ବୋଲି ସେ କହିଛନ୍ତି ।

ଓଡିଶାରେ ଶାସନ ଭାର ଗ୍ରହଣ କରିବାର ମାତ୍ର ୧୦ ମାସ ମଧ୍ୟରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିଥିବାରୁ ଶ୍ରୀ ନଡ୍ଡା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଦେବା ସହିତ ଟିବି ନିରାକରଣ ଦିଗରେ ଓଡିଶା ଉଲ୍ଲେଖନୀୟ କାର୍ଯ୍ୟ କରୁଛି ବୋଲି କହିଥିଲେ। ଏହି ଅବସରରେ ସେ ଅଧିକରୁ ଅଧିକ ହିତାଧିକାରୀ କିପରି ଏହି ଯୋଜନାରେ ସାମିଲ ହୋଇ ପାରିବେ ଏବଂ କାର୍ଡ ବନାଇବେ ସେଥିନେଇ ସଚେତନ କରିବାକୁ ପ୍ରତି ଘରକୁ ଯିବା ପାଇଁ ସେ ବିଧାୟକ ମାନଙ୍କୁ ଅନୁରୋଧ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ ଯେ ଓଡିଶା ବିକାଶ ଇତିହାସରେ ଆଜି ଆଉ ଏକ ଅଧ୍ୟାୟ ଯୋଡିହୋଇଛି। ଗତ ପ୍ରାୟ ୬ ବର୍ଷ ହେଲା ରାଜନୈତିକ କାରଣରୁ ରାଜ୍ୟବାସୀଙ୍କୁ ବଞ୍ଚିତ କରାଯାଇଥିବା ଏହି ଐତିହାସିକ ଯୋଜନା ଆଜି ଆରମ୍ଭ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଲେ ଯେ, ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସାମାଜିକ ଓ ଆର୍ଥିକ ପ୍ରଗତିର ଏକ ମୂଳଭିତି। ଶାରୀରିକ ଓ ମାନସିକ ସୁସ୍ଥତା ନାଗରିକମାନଙ୍କୁ କାର୍ଯ୍ୟକ୍ଷମ, ଆତ୍ମବିଶ୍ୱାସୀ ଓ ସ୍ୱାଭିମାନୀ କରିବ ଏବଂ ସ୍ୱାଭିମାନୀ ନାଗରିକମାନେ ହିଁ ସମୃଦ୍ଧିର ସ୍ୱପ୍ନକୁ ସାକାର କରିବେ। ଏହି ସତ୍ୟକୁ ଅନୁଭବ କରି ପ୍ରଧାନମନ୍ତ୍ରୀ ସାରା ଦେଶରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଦୂରଦର୍ଶୀ ଯୋଜନାରୁ ଲାଭ ପାଇଥିବା କୋଟି କୋଟି ଜନତା ସେମାନଙ୍କ ଆଶୀର୍ବାଦ ଏବଂ ଆଶିଷ ତାଙ୍କ ଉପରେ ଅଜାଡ଼ି ଦେଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସମାନ ଭାବେ ଦିଲ୍ଲୀର ଜନ ସାଧାରଣଙ୍କୁ ମଧ୍ୟ ବଞ୍ଚିତ କରାଯାଇଥିବା ଏହି ଯୋଜନା, ଗତକାଲିଠାରୁ ଲାଗୁ ହୋଇସାରିଛି। ଏହା ହେଉଛି ଡବଲ ଇଞ୍ଜିନ ସରକାରର ମଡେଲ। ଏଥିରେ ବିକାଶର ଗତି ଦୁଇଗୁଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଅର୍ଥ କେବେ ବାଧକ ହେବ ନାହିଁ।

ଏହି ଯୋଜନାରେ ଆଜି ରାଜ୍ୟର ପ୍ରାୟ ୧ କୋଟି ୩ ଲକ୍ଷ ପରିବାରର ୩ କୋଟି ୪୬ ଲକ୍ଷ ହିତାଧିକାରୀ ଉପକୃତ ହେବେ। ପ୍ରତି ପରିବାରଙ୍କୁ ସରାଦେଶର ବିଭିନ୍ନ ରାଜ୍ୟରେ ତାଲିକାଭୁକ୍ତ ୨୯ ହଜାର ଘରୋଇ ଏବଂ ସରକାରୀ ହସ୍‌ପିଟାଲରେ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ। ପରିବାରର ମହିଳା ସଦସ୍ୟମାନଙ୍କ ପାଇଁ ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ କହିଥିଲେ, ଆମ ସରକାର ଲୋକଙ୍କ ପାଇଁ କାମ କରେ। ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟର ଆଦିବାସୀ ସମ୍ପ୍ରଦାୟର ସବୁଠାରୁ ଅଧିକ ଲୋକ ଉପକୃତ ହୋଇପାରିବେ ବୋଲି ସେ ମତ ଦେଇଥିଲେ।

ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି

ଭୁବନେଶ୍ୱର,୧୧।୪ (ମହାଭରତ): ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ଦୁଇ ପ୍ରତିଶତ ବୃଦ୍ଧି ବିଷୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୩ ପ୍ରତିଶତରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଲା। ଏହା ଜାନୁଆରୀ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଏପ୍ରିଲ ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟିଆଇରେ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଏପ୍ରିଲ ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

ଭିଜିଲାନ୍ସ ମାମଲାରେ ଛନ୍ଦିହୋଇ ଚାକିରୀ ହରାଇଲେ ସିଡିପିଓ

ପରଜଙ୍ଗ୧୧।୪(ମହାଭରତ): ଏକ ଭିଜିଲାନ୍ସ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ପରଜଙ୍ଗ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ବିଜୟଲକ୍ଷ୍ମୀ ମାରାଣ୍ଡି ଚାକିରୀ ହରାଇ ଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ନୂଆପଡ଼ା ଜିଲ୍ଲାର ସିନାପାଲି ବ୍ଲକରେ ସିଡିପିଓ ଥିବାବେଳେ ବିଜୟଲକ୍ଷ୍ମୀ ମାରାଣ୍ଡି ଜଣେ ଅଙ୍ଗନବାଡି ଛତୁଆ ଯୋଗାଣକାରୀଙ୍କ ଠାରୁ ୧୦ହଜାର ଟଙ୍କା ଲାଂଚ ଦାବି କରିଥିଲେ। ଲାଂଚ ନେବା ସମୟରେ ସେ ଭିଜିଲାନ୍ସ ଦ୍ୱାରା ଧରାପଡି ଦୋଷୀ ସାବ୍ୟସ୍ତ ହେବାସହ ଜେଲ୍ ଯାଇଥିଲେ। ଓଡିଶା ଭିଜିଲାନ୍ସ ପକ୍ଷରୁ ତାଙ୍କ ନାମରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା। ଭବାନୀପାଟଣା ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ଅଦାଲତରେ ମାମଲାର ବିଚାର ହୋଇ ସିଡିପିଓଙ୍କୁ ୩ବର୍ଷ କାରାଦଣ୍ଡାଦେଶ ସହ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଥିଲେ। ଏହି ଘଟଣାରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସରକାରଙ୍କ ନିୟମ ଅନୁଯାୟୀ ଚାକିରୀରୁ ବରଖାସ୍ତ କରିବା ପାଇଁ ସମୁଚିତ କର୍ତ୍ତୃପକ୍ଷଙ୍କୁ ସୁପାରିସ କରାଯାଇଛି। ଏହି କ୍ରମରେ ପରଜଙ୍ଗ ସିଡିପିଓ ବିଜୟଲକ୍ଷ୍ମୀ ମାରାଣ୍ଡି ଆଜିଠାରୁ ସରକାରୀ ଚାକିରୀ ହରାଇଛନ୍ତି।

ଏଆଇଡିଏମକେ ସହ ମେଣ୍ଟ କଲା ବିଜେପି

ନୂଆଦିଲ୍ଲୀ,୧୧।୪: ତାମିଲନାଡୁରେ ଶାସକ ଡିଏମକେକୁ ହରାଇବା ପାଇଁ ବିଜେପି ନୂଆ ଗୋଟି ଚାଳନା କରିଛି। ଆଗାମୀ ୨୦୨୬ ବିଧାନସଭା ନିର୍ବାଚନରେ ଏହି ଜାତୀୟ ଦଳ ତାମିଲନାଡୁର ଆଞ୍ଚଳିକ ଦଳ ଏଆଇଡିଏମକେ(ଅଲ୍ ଇଣ୍ଡିଆ ଆନ୍ନା ଦ୍ରାଭିଡ଼ ମୁନ୍ନେତ୍ର କାଝାଗମ) ସହିତ ମେଣ୍ଟ କରିଛି। ଉଭୟ ଦଳ ପକ୍ଷରୁ ଶୁକ୍ରବାର ଏ ନେଇ ଘୋଷଣା କରାଯାଇଛି ।ତାମିଲନାଡୁର ଏମ.କେ. ଷ୍ଟାଲିନ ସରକାର ବିଜେପି ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ବିଜେପିକୁ ଘେରିବା ସହ ଅକଳରେ ପକାଉଛନ୍ତି। ସଂସଦୀୟ କ୍ଷେତ୍ର ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ବି ଷ୍ଟାଲିନ ଅଣବିଜେପି ଶାସିତ ରାଜ୍ୟ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଦଳକୁ ଏକାଠି କରି ବିଜେପି ବିରୋଧରେ ବିଦ୍ରୋହ ଚେତାବନୀ ଦେଇଛନ୍ତି। ତେଣୁ ତାମିଲନାଡୁକୁ ଅକ୍ତିଆର କରିବା ଲାଗି ବିଜେପି ଏଆଇଡିଏମକେ ସହିତ ହାତ ମିଳାଇଛି। ଶୁକ୍ରବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ଏଆଇଡିଏମକେ ନେତୃବୃନ୍ଦଙ୍କ ପକ୍ଷରୁ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ମେଣ୍ଟ ସମ୍ପର୍କରେ ଘୋଷଣା କରାଯାଇଛି। ଶାହା କହିଛନ୍ତି, ଏନଡିଏ ଛତା ତଳେ ଦୁଇ ଦଳ କାମ କରିବେ। ଏଆଇଡିଏମକେ, ବିଜେପି ଏପଂ ସମସ୍ତ ସହଯୋଗୀ ଦଳ ଆଗାମୀ ବିଧାନସଭା ନିର୍ବାଚନ ଏକାଠି ଲଢ଼ିବେ। ଜାତୀୟ ସ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବାକୁ ଥିବାବେଳେ ରାଜ୍ୟ ସ୍ତରରେ ଏଆଇଡିଏମକେ ନେତା ଏଡାପ୍ପାଡି କେ. ପଲାନିସ୍ୱାମୀଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବେ।

୩ ମାଓବାଦୀ ଗିରଫ

ମାଲକାନଗିରି,୧୧।୪ (ମହାଭରତ): ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲା ପୋଲିସକୁ ବଡ଼ ସଫଳତା ମିଳିଛି। ପୋଲିସ ୩ ଜଣ ଦୁର୍ଦ୍ଦାନ୍ତ ମାଓବାଦୀକୁ ଗିରଫ କରିବାରେ ସଫଳ ହୋଇଛି। ଜିଲ୍ଲାର ଚିନ୍ତଲନାର ଜଙ୍ଗଲରେ ସିଆରପିଏଫ୍ ଯବାନ କମ୍ବିଂ କରୁଥିଲେ। ଯବାନଙ୍କୁ ଦେଖି ୩ ଜଣ ସଂଦିଗ୍ଧ ବ୍ୟକ୍ତି ଦୌଡିବାକୁ ଲାଗିଲେ। ତୁରନ୍ତ ଯବାନ ଜଙ୍ଗଲକୁ ଘେରି ୩ ଜଣ ସନ୍ଦିଗ୍ଧ ବ୍ୟକ୍ତିକୁ କାବୁ କରିଥିଲେ। ସେମାନଙ୍କୁ ଧରି ଜିଲ୍ଲା ଏସ୍‌ପି କିରଣ ଚୌହାନଙ୍କ ନିକଟରେ ହାଜର କରାଯାଇଥିଲା। ପୋଲିସ ପଚରାଉଚରା କରିବା ପରେ ଏମାନଙ୍କ ମଧ୍ୟରୁ ଜଣେ ଡିକେଏମଏସ ଅଧ୍ୟକ୍ଷ ମାଡକମ ଭୀମା ବୋଲି ପରିଚୟ ଦେଇଥିଲା। ଭୀମା ଉପରେ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଅନ୍ୟ ଦୁଇ ଜଣ ହେଲେ ମିଲିସିଆ କମାଣ୍ଡର ମାଡକମ ଲଖମା ଓ ହେମଲା ନନ୍ଦା ବୋଲି ପରିଚୟ ଦେବା ସହ ଏମାନଙ୍କ ଉପରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଏମାନଙ୍କୁ ପୋଲିସ ନକ୍ସଲ ସଂଗଠନର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ଏମାନେ ହତ୍ୟା, ପୋଷ୍ଟର ମାରିବା, ଲୋକଙ୍କୁ ଅପହରଣ କରିବା ସହ ପୋଲିସ ଉପରେ ଗୁଳି ଚଳାଇବା ଭଳି ହିଂସାରେ ସାମିଲ ଥିବା ପୋଲିସ କହିଛି।

ନଦୀରେ ବୁଡି ୨ ମୃତ

ବୈପାରୀଗୁଡ଼ା,୧୧।୪ (ମହାଭରତ): ଗାଧୋଇବାକୁ ଯାଇଥିଲେ ଦୁଇ ନାବାଳିକା। ନଦୀରେ ବୁଡ଼ି ଚାଲିଗଲା ଜୀବନ। କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବାଲିଗାଁ ପଞ୍ଚାୟତର ଡାବୁଗୁଡାରେ ଘଟିଛି ଏଭଳି ଅଭାବନୀୟ ଘଟଣା। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟରୁ ଫେରିବା ପରେ ଗାଁ ନିକଟ ନଦୀକୁ ଗାଧୋଇବାକୁ ଯାଇଥିଲେ ଦୁଇ ସ୍କୁଲ ଛାତ୍ରୀ। ଅସାବଧାନତା ଯୋଗୁଁ ନଦୀ ପାଣିରେ ବୁଡ଼ିଗଲେ ଦୁଇ ଛାତ୍ରୀ। ଖବର ପାଇ ଗାଁ ଲୋକେ ପହଞ୍ଚି ଦୁହିଁଙ୍କୁ ପାଣିରୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ୮ ବର୍ଷର ଅମ୍ରିତା ପାଲିଗୁଡ଼ିଆ ଏବଂ ଅନ୍ୟ ଜଣେ ୧୦ ବର୍ଷର ପ୍ରମିଳା ଦୋରାପୁଟିଆ।

ତହବୁର ରାଣାକୁ ଜେରା

ନୂଆଦିଲ୍ଲୀ୧୧।୪(ଏଜେନ୍ସି): ନଭେମ୍ବର ୨୬, ୨୦୦୮ରେ ମୁମ୍ବାଇ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ତହବୁର ହୁସେନ ରାଣାକୁ ଏନଆଇଏ ଦିଲ୍ଲୀ ସ୍ଥିତ ମୁଖ୍ୟାଳୟରେ ଆଜି ପଚରାଉଚରା ଆରମ୍ଭ କରିଛି। ସୂତ୍ର ମୁତାବକ ଏନଆଇଏ ମୁଖ୍ୟାଳୟର ସେଲରେ କଡା ସୁରକ୍ଷାରେ ରାଣାକୁ ରଖାଯାଇଛି। ଏହି ସେଲ୍‌ରେ ସିସିଟିଭି କ୍ୟାମେରା ଲାଗିଛି। ରାଣା ଯେଉଁ ବାଥରୁମ ବ୍ୟବହାର କରିବ, ତାହା ବି ସେଲ୍ ଭିତରେ ରହିଛି। ଏହି ସେଲରେ ବହୁସ୍ତରୀୟ ଡିଜିଟାଲ ସିକ୍ୟୁରିଟି ସହିତ ୨୪ ଘଣ୍ଟିଆ ପ୍ରହରା ରହିଛି। ସେଲ୍ ଭିତରକୁ ଯିବାକୁ ଏନଆଇଏର କିଛି ଅଧିକାରୀଙ୍କୁ କେବଳ ଅନୁମତି ରହିଛି। ରାଣାକୁ ମୁଖ୍ୟାଳୟରେ ବି କମ୍ ମୁଭମେଣ୍ଟ କରାଯିବା ସହ କ୍ୟାମେରାରେ ରେକର୍ଡିଂ ସହିତ ପଚରାଉଚରା କରାଯିବ। ଆଜିଠାରୁ ଏହି ପଚରାଉଚରା ଆରମ୍ଭ ହୋଇଛି। ପାକିସ୍ତାନରେ ତାର ହ୍ୟାଣ୍ଡଲର କିଏ ପ୍ରାରମ୍ଭିକ ପଚରା ଉଚରାରେ ଏନଆଇଏ ଜାଣିବାକୁ ଉଦ୍ୟମ କରିବେ। ସ୍ପିପର ସେଲରେ କିଏ କିଏ ଅଛନ୍ତି, ଭାରତରେ ତାର ବ୍ୟବସାୟୀ ପାର୍ଟନର କିଏ, ଏଠାରେ କାହାକୁ କାହାକୁ ଫଣ୍ଡିଂ ଦିଆଯାଇଥିଲା, ଏହା ବ୍ୟତୀତ ହେଡଲିର ଭାରତରେ କିଏ ସହାୟତା କରିଥିଲା ଏବଂ ପଇସା କାହାକୁ ଦିଆଯାଇଥିଲା ଏ ପ୍ରସଙ୍ଗରେ ତାକୁ ପଚରା ଉଚରା କରାଯିବ।

କୋଟିଏ ଟଙ୍କାର ଗୁଆ ଜବତ

ଜଗତସିଂହପୁର,୧୧।୪ (ମହାଭରତ): ମଝି ସମୁଦ୍ରରେ ବାଂଲାଦେଶ-ଭାରତ ସୀମାରେଖାରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଏକ ମାଛଧରା ବୋଟକୁ ଜବତ କରିଛି ଭାରତୀୟ ତଟରକ୍ଷୀ ବାହିନୀ। ମାଛଧରା ବୋଟରେ ଥିବା ୧୪ ଜଣଙ୍କୁ ଅଟକ ରଖାଯିବା ସହ ଚୋରା ଚାଲାଣ ହେଉଥିବା ପ୍ରାୟ କୋଟିଏ ଟଙ୍କାର ଗୁଆ। ଜବତ କରାଯାଇଛି। ବୋଟ ସହ ସମସ୍ତ ଜବତ ସାମଗ୍ରୀ ଓ ଅଟକ ମତ୍ସ୍ୟଜୀବୀଙ୍କୁ ପାରାଦୀପ ଅଣା ଯାଇଥିବା ବେଳେ ସୀମାଶୁଳ୍କ ବିଭାଗକୁ ହସ୍ତାନ୍ତର କରାଯାଇଛି।

ତଟରକ୍ଷୀ ବାହିନୀ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ସମୁଦ୍ରରେ ଗତିବିଧି ଉପରେ ନଜର ରଖା ଯାଇଥିବା ବେଳେ ଗତକାଲି ସକାଳେ ପଶ୍ଚିମବଙ୍ଗର ଅନ୍ତର୍ଜାତୀୟ ସୀମାରେଖାରେ ସନ୍ଦିଗ୍ଧ ଅବସ୍ଥାରେ ଚଳାଚଳ କରୁଥିବା ମାଛଧରା ବୋଟକୁ ତଟରକ୍ଷୀ ବାହିନୀ ସୁରକ୍ଷାକର୍ମୀମାନେ କାବୁ କରିଥିଲେ। ମାଛଧରା ବୋଟର ନାଁ ଅ।ଇଏଫବି ମା' ବାସନ୍ତୀ ହୋଇଥିବା ବେଳେ ପଶ୍ଚିମବଙ୍ଗର କାକଦୀପ ମାଛଧରା ବନ୍ଦରରେ ରେଜିଷ୍ଟ୍ରେସନ ହୋଇଛି।

ସେହିପରି ଯାଞ୍ଚ ବେଳେ ବୋଟରୁ ୪୫୦ ବସ୍ତା ଗୁଆ। ଜବତ କରାଯାଇଥିଲା। ଗୋଟିଏ ବସ୍ତାର ଓଜନ ଥିଲା ୫୦ରୁ ୬୦ କେଜି। ଯାହାର ବଜାର ମୂଲ୍ୟ ପ୍ରାୟ କୋଟିଏ ଟଙ୍କା ହେବ। ବୋଟରେ ଥିବା ୧୪ ଜଣ ମତ୍ସ୍ୟଜୀବୀଙ୍କ ପାଖରେ କୌଣସି କାଗଜପତ୍ର ନ ଥିଲା। ସେହିପରି ବୋଟ ୫ ଦିନ ସମୁଦ୍ର ଭିତରେ ରହିଥିଲେ ମଧ୍ୟ ମାଛ ନ ଥିଲା। ଏହା ପରେ ତଟରକ୍ଷୀ ବାହିନୀ ଜାହଜ ଏସକର୍ଟ କରି ମାଛଧରା ବୋଟକୁ ପାରାଦୀପ ବନ୍ଦର ଅ।ଣିଥିଲା।

କୋଷ୍ଟଗାର୍ଡ,ସୀମାଶୁଳ୍କ ବିଭାଗ ଏ ଦିଗରେ ଅଧିକ ଖୋଳତାଡ଼ କରିବେ ବୋଲି ଜଣାପଡ଼ିଛି। ଏହା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ସମୁଦ୍ର ଜଳରାଶିରେ ୨୪ ଘଣ୍ଟିଆ। ନଜର, ପାଟ୍ରୋଲିଂ ଯୋଗୁ ଏହା ସମ୍ଭବ ହୋଇପାରିଲ ବୋଲି କୋଷ୍ଟଗାର୍ଡ ପକ୍ଷରୁ କୁହାଯାଇଛି।

୭ ଦିନରେ ଜଳ ସମସ୍ୟାର ହେବ ସମାଧାନ

ଭୁବନେଶ୍ୱର,୧୧।୪(ମହାଭରତ): ଜଳ ସମସ୍ୟା ଦୂରୀକରଣ ପାଇଁ ନୂଆ ୨୧ ହଜାର ୩ଶହ ନଳକୂପ ବିଭିନ୍ନ ଜିଲ୍ଲାକୁ ଅନୁମୋଦନ କରାଯାଇଛି। ଜଳ ସମସ୍ୟା ନେଇ ଅଭିଯୋଗ ଆସିଲେ ୭ ଦିନ ମଧ୍ୟରେ ସମାଧାନ କରିବାକୁ ବିଭାଗକୁ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ନିର୍ଦ୍ଦେଶ ଦେଇଛନ୍ତ। ଖରା ସମୟରେ ସମସ୍ତଙ୍କ ସହଯୋଗ କାମନା କଲେ ମନ୍ତ୍ରୀ। ବିଧାନସଭାର ଉତ୍ତରରେ ମୁଁ ଗୋଟେ ବର୍ଷ ସମୟ ମାଗିଛି। ୨୦୨୫ ମେଗା ପାଇପ୍ ୱାଟର ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା କଥା ସେ କାମ ସମ୍ପୂର୍ଣ୍ଣ ହେବ। ବିଗତ ସରକାର ପାଣିର ସମସ୍ୟାକୁ ଦୃଷ୍ଟି ଦେଉନଥିଲେ। ଏ ସରକାର ସେ କାମ ଆରମ୍ଭ କରିସାରିଛନ୍ତି। ପୂର୍ବରୁ ୫ ଲକ୍ଷ ୨୦ ହଜାର ନଳକୂପ ଥିଲା। ଏବର୍ଷ ନୂଆ ସରକାର ୨୧ହଜାର ୩ଶହ ନଳକୂପ ବିଭିନ୍ନ ଜିଲ୍ଲାକୁ ଅନୁମୋଦନ କରିଛୁ। କାମ ପାଇଁ ମେସିନ ଓ ଗାଡି ଅଭାବ ଅଛି। କେମିତି ନଳକୂପ ଶୀଘ୍ର ଖୋଲାଯିବ ସେ ପାଇଁ କାମ କରୁଛୁ। ପାଣି ପାଇଁ ଯେଉଁ ସମସ୍ୟା ଗଣମାଧ୍ୟମରେ ପ୍ରକାଶ ହେଉଛି ୭ ଦିନ ଭିତରେ ସମସ୍ୟା ସମାଧାନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ୟା ନେଇ ବ୍ଲକ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଲୋକଙ୍କୁ ମନ୍ତ୍ରୀ କହିଛନ୍ତି। ଯେଉଁଠି ନିର୍ଦ୍ଧାରିତ ସମୟ ଭିତରେ ଜଳ ପ୍ରକଳ୍ପ କାମ ସରିନି ସେଠାରେ ସଂସ୍ଥା ଗୁଡିକ ଟ୍ୟାଙ୍କ ମାଧ୍ୟମରେ ପ୍ରତ୍ୟେକ ଗାଁକୁ ପାଣି ଦିଆଯିବ।

ଛତୁ ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ଛତୁ, ଲୁଣ, ମଇଦା, ଜୁଆଣି, ଘିଅ, ଗୋଲମରିଚ ଗୁଣ୍ଡ, କଟାପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡ଼ର, କଟା ଧନିଆ ପତ୍ର ଓ ତେଲ।।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, ଜୁଆଣି ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ। ଏହା ପରେ ଅଳ୍ପ ଅଳ୍ପ ପାଣି ଢାଳି ଅଟାକୁ ଦଳନ୍ତୁ। ଅଟା ଦଳି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡ଼ାରେ ଗୁଡ଼ାଇ କିଛି ସମୟ ରଖି ଦିଅନ୍ତୁ। ଏକ ତାୱା ଗରମ କରି ତେଲ ପକାନ୍ତୁ। ତେଲ ଗରମ ହେବା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ। ପରେ ଏଥିରେ କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କାଗୁଣ୍ଡ,ଚାଟ ମସଲା, ଆମଚୁର ପାଉଡ଼ର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ। ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢି ଥଣ୍ଡା କରନ୍ତୁ।

ଏବେ ଚକଟା ଯାଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଲି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ। ଏହା ପରେ ଏଗୁଡ଼ିକୁ ରୁଟି ପରି ବେଲନ୍ତୁ ଏବଂ ଗମର ତାୱାରେ ପକାଇ ଭଲ ଭାବେ ସେକନ୍ତୁ। ଦୁଇ ପଟ ଭଲ ଭାବେ ସେକି ହୋଇଗଲେ ତେଲ ପକାଇ ଏପଟ ସେପଟ କରନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଛତୁ ପରଟା' । ଏହାକୁ ଚଟଣି,ସସ କିମ୍ବା ଦହି ସହିତ ଗରମ ଗରମ ଖାଆନ୍ତୁ।

..... ଖବର .....

ଜୀ ସାର୍ଥକର 'ଡାନ୍ସ ଓଡିଶା ଡାନ୍ସ' - ଆସନ୍ତା ରବିବାର ସନ୍ଧ୍ୟାରେ ସୋସିଆଲ ମିଡିଆ ସୁପରଷ୍ଟାର ଡ୍ୟାନ୍ସ ଲିଗର ଗ୍ରାଣ୍ଡ ଫାଇନାଲ

ଓଡିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ସବୁବେଳେ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖିଆଗରେ ରଖି ଭେଟିଦିଏ ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ। ଏହି କାରଣ ପାଇଁ ଜୀ ସାର୍ଥକ ସାଜିଛି ଲୋକଙ୍କର ପ୍ରଥମ ପସନ୍ଦ।ତେବେ ପ୍ରଥମଥର ପାଇଁ ଏକ ନୂଆ ଢ଼ଙ୍ଗରେ ଜୀ ସାର୍ଥକ ନେଇ ଆସିଥିଲା 'ଡାନ୍ସ ଓଡିଶା ଡାନ୍ସ' ଯେଉଁଥିରେ ନିଜର ପ୍ରତିଭା ଦେଖାଉଥିଲେ ଲୋକପ୍ରିୟ ସୋସିଆଲ ମିଡିଆର ସୁପରଷ୍ଟାର୍ ଯିଏ ନିଜ ନାଚ ବା କଳା ଦ୍ୱାରା ଜିତି ପାରିଛନ୍ତି ସମସ୍ତଙ୍କ ମନୟ ଯାହାର ଶେଷ ପର୍ଯ୍ୟାୟରେ ଗ୍ରାଣ୍ଡ ଫାଇନାଲରେ ହେବାକୁ ଯାଉଛି ଗ୍ରାଣ୍ଡ ଧମାକା। ରଙ୍ଗବତୀ ଦଳ ଓ ଲଚକମଣୀ ଦଳ ଡାନ୍ସ ଓ ବିଭିନ୍ନ ମଜାଦାର ଖେଳ ମାଧ୍ୟମରେ ପ୍ରତିଯୋଗିତା କରି ପୁରା ସିଜନରେ ଯୋଗାଇଥିଲେ ମନୋରଞ୍ଜନର ଖୋରାକ। ଯାହାର ଅନ୍ତ ହେବାକୁ ଯାଉଛି । ଆସନ୍ତା ରବିବାର ୧୩ ତାରିଖରେ 'ଡାନ୍ସ ଓଡିଶା ଡାନ୍ସ' ସୋସିଆଲ ମିଡିଆର ସୁପରଷ୍ଟାର ଡାନ୍ସ ଲିଗର ସୁପର ଫାଇନାଲ ସନ୍ଧ୍ୟା ୬.୩୦ ମିନିଟରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି । ତେବେ ଶେଷରେ କେଉଁ ଦଳ ଫାଇନାଲରେ ବାଜି ମାରିବ, ରଙ୍ଗବତୀ ଦଳ ନା ଲଚକମଣୀ ? ଜାଣିବା ପାଇଁ ସାରା ଓଡିଶା ଅପେକ୍ଷାରତ ।ଏହି ଗ୍ରାଣ୍ଡ ମାହୋଲକୁ ଆହୁରି ଗ୍ରାଣ୍ଡ କରିବାକୁ ଲୋକପ୍ରିୟ ସିଙ୍ଗର ସତ୍ୟଜିତ, ଅନ୍ତରା, ଟି ସୌରି ଓ ଅଭିଜିତ ମିଶ୍ର ଫାଇନାଲରେ ତାଙ୍କର ଜଲୱା ଦେଖାଇବାକୁ ଯାଉଛନ୍ତି। ଏହା ସହିତ ଦେବାଶିଷ, ଶ୍ରୀତମ ଓ ଲିପି ଫାଇନାଲରେ ଯୋଗ ଦେବା ସହିତ ଗ୍ରାଣ୍ଡ ଫାଇନାଲରେ ଦେବେ ବିଶେଷ ପରଫରମାନ୍ସ । ଜଜ୍ ଭାବରେ ରହିଥିବା ଏଲିନା, ହରିହର ଓ ଅନୁପମ ନାୟକ ମଧ୍ୟ ଭେଟିଦେବେ ଧମାକାଦାର ପରଫରମାନ୍ସ।ତେବେ 'ଡାନ୍ସ ଓଡିଶା ଡାନ୍ସ' - ସୋସିଆଲ ମିଡିଆର ସୁପରଷ୍ଟାର ଡ୍ୟାନ୍ସ ଲିଗର' ଗ୍ରାଣ୍ଡ ଫାଇନାଲ ଯାତ୍ରାରେ ରବିବାର ୧୩ ତାରିଖ ସନ୍ଧ୍ୟା ୬.୩୦ ମିନିଟରେ କେବଳ ଜୀ ସାର୍ଥକରେ ଯୋଡି ହେବାକୁ ଅନୁରୋଧ କରିଛନ୍ତି ଟିଫ ଟ୍ୟାନେଲ ଅଫିସର୍ ପ୍ରତୀକ ସିଲ୍ ।

ତ୍ୱଚ୍ଛ ପାଇଁ ବାନାନା ଫେସ

କଦଳୀ କେବଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ ନୁହେଁ ବରଂ ଏହାର ଫେସ ପ୍ୟାକ ପ୍ରସ୍ତୁତ କରି ଲଗାଇବା ଦ୍ୱାରା ଆପଣଙ୍କ ତ୍ୱଚ୍ଛର ଚମକ ବୃଦ୍ଧି ପାଇଥାଏ। କଦଳୀକୁ ବ୍ୟବହାର କରି ଭିନ୍ନ ଭିନ୍ନ ପ୍ରକାର ଫେଓ ପ୍ୟାକ ପ୍ରସ୍ତୁତ କରିହେବ। ଜାଣନ୍ତୁ.

୧: କଦଳୀକୁ ଭଲ ଭାବେ ଚକଟି ଏହାକୁ ମୁହଁ ଓ ବେକରେ ଲଗାଇ ୧୫ ରୁ ୨୦ ମିନିଟ ରଖନ୍ତୁ। ଏହାପରେ ମୁହଁ ଧୋଇ ଦିଅନ୍ତୁ।

୨: କଦଳୀକୁ ଭଲ ଭାବେ ଚକଟି ଏଥିରେ ଅଳ୍ପ ଅଲିଭ ଅଏଲ କିମ୍ବା ବାଦାମ ତେଲ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୧୦ ରୁ ୧୫ ମିନିଟ ରଖି ଧୋଇ ଦିଅନ୍ତୁ।

୩: କଦଳୀକୁ ଭଲ ଭାବେ ଚକଟି ୧ ଚାମଚ ମହୁ ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଓ ବେକରେ ଲଗାଇ ୧୫ ମିନିଟ ରଖନ୍ତୁ। ଏହାପରେ ମୁହଁ ଧୋଇ ଦିଅନ୍ତୁ। ଏହା ମୁହଁର ଚମକ ବୃଦ୍ଧି କରିବା ସହ କୋମଳ କରିଥାଏ। ଶୁଷ୍କ ତ୍ୱଚ୍ଛ ପାଇଁ ଏହା ଖୁବ ଲାଭଦାୟକ।

୪- କଦଳୀକୁ ଭଲ ଭାବେ ଚକଟି ଏଥିରେ ସମାନ ମାତ୍ରାରେ ଖିର ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ ରଖି ଧୋଇ ଦିଅନ୍ତୁ। ଏହା ତ୍ୱଚ୍ଛ ପାଇଁ ଖୁବ ଲାଭଦାୟକ।

୫ - କଦଳୀକୁ ଭଲ ଭାବେ ଚକଟି ଏଥିରେ ଅଳ୍ପ ଅଟା ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ ରଖି ଧୋଇ ଦିଅନ୍ତୁ। ଏହା ମଧ୍ୟ ତ୍ୱଚ୍ଛ ପାଇଁ ଖୁବ ଲାଭଦାୟକ।

ଶ୍ରୀବିଷ୍ଣୁଙ୍କ ଚାରି ହସ୍ତ ବିଷୟରେ ବର୍ଣ୍ଣନା

ଭଗବାନ ବିଷ୍ଣୁ ଶ୍ରୀହରିଙ୍କ ଚାରି ହାତ ତାଙ୍କ ଶକ୍ତିଶାଳୀ ତଥା ସର୍ବବ୍ୟାପକ ପ୍ରକୃତିର ବାର୍ତ୍ତା ଦେଇଥାଏ । ତାଙ୍କର ସମ୍ମୁଖ ଭାଗରେ ଥିବା ଦୁଇ ହାତ ଭୌତିକ ଅସ୍ତିତ୍ୱର ପ୍ରତିନିଧିତ୍ୱ କରିଥାଏ । ପିଠିରେ ଥିବା ଦୁଇ ହାତ ଆଧ୍ୟାତ୍ମିକ ଦୁନିଆରେ ତାଙ୍କ ଉପସ୍ଥିତିର ପ୍ରତିନିଧିତ୍ୱ କରିଥାଏ । ତ୍ରିଦେବଙ୍କ ମଧ୍ୟରୁ ପ୍ରମୁଖ ଭଗବାନ ଶିବଙ୍କର ତିନି ନେତ୍ର ରହିଛି । ସର୍ବପ୍ରଥମେ ସେ ହିଁ ନିଜ ଅନ୍ତର୍ଦୃଷ୍ଟିରୁ ଶ୍ରୀହରିଙ୍କୁ ଜନ୍ମ ଦେଇଥିଲେ । କ୍ଷୀର ସାଗର ନିବାସୀ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମାଙ୍କ ଜନ୍ମ ହୋଇଥିଲା । ତାଙ୍କର ୪ଟି ମସ୍ତକ ଏବଂ ୪ ହାତ ରହିଛି । ଏହି ପୌରାଣିକ କଥା ସମ୍ପର୍କରେ ପୁରାଣରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।

ବିଷ୍ଣୁଙ୍କ ଚାରି ହାତ ମହାକାଶର ଚାରି ଦିଗରେ ପ୍ରଭୁତ୍ୱ ବ୍ୟକ୍ତ କରିଥାଏ ଏବଂ ମାନବ ଜୀବନର ଚାରି କୋଣ ଏବଂ ଚାରି ଆଶ୍ରମର ପ୍ରତୀକ ଭାବେ ବାର୍ତ୍ତା ଦେଇଥାଏ । ଜ୍ଞାନ ନିମନ୍ତେ ଅନୁସନ୍ଧାନ (ବ୍ରହ୍ମଚର୍ଯ୍ୟ), ପାରିବାରିକ ଜୀବନ (ଗୃହସ୍ଥ), ବନକୁ ଫେରିଯିବା (ବାନପ୍ରସ୍ତ) ଏବଂ ସନ୍ନ୍ୟାସର ପ୍ରତୀକ ହେଉଛି ଶ୍ରୀବିଷ୍ଣୁଙ୍କ ଚାରି ହାତ ।

ଝିଅକୁ ବିବାହ ସମୟରେ ଦେଉଛନ୍ତି କି ଗଣେଶଙ୍କ ପ୍ରତିମୂର୍ତ୍ତି ? ଜାଣନ୍ତୁ କ'ଣ ରହିବ ଏହାର ପ୍ରଭାବ

ବିଘ୍ନ ବିନାଶକଙ୍କୁ ସବୁବେଳେ ଶୁଭ ବୋଲି ବିବେଚନା କରାଯାଇଥାଏ। ଗଣେଶ ମୂର୍ତ୍ତି ତଥା ଫଟୋକୁ ପୂଜା କଲେ ଘରେ ସୁଖ ଶାନ୍ତି ବିରାଜମାନ କରିଥାଏ ଓ ବାଧାବିଘ୍ନ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ବହୁ ସମୟରେ ପ୍ରିୟଜନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରି ପରିବାର ଲୋକେ ସେମାନଙ୍କୁ ଗଣେଶ ମୂର୍ତ୍ତି ଉପହାର ଦେଇଥାନ୍ତି। ହେଲେ ଏହି ସମୟରେ କିଛି ବାସ୍ତୁ ନିୟମ ମାନିବା ଉଚିତ, ନଚେତ ଉନ୍ନତି ହେବା ପରିବର୍ତ୍ତେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗଣେଶଙ୍କ ପ୍ରତିମାକୁ ଘରର ଯେକୌଣସି ସ୍ଥାନରେ ରଖିବା ଉଚିତ ନୁହେଁ। ବିଶେଷକରି ବାଥରୁମ କ୍ୟାରେ ଗଣେଶଙ୍କର ଫଟୋ କିମ୍ବା ପ୍ରତିମା ରଖନ୍ତୁ ନାହିଁ। ଏହା ବ୍ୟତୀତ ଗଣେଶଙ୍କ ପ୍ରତିମାକୁ ଶୋଇବା ଘରେ ମଧ୍ୟ ରଖିବା ଉଚିତ ନୁହେଁ। ଏହା କରିବା ଦ୍ୱାରା ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବା ସହ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅନାବଶ୍ୟକ ତିକ୍ତତା ବଢ଼ିଥାଏ।

ଭଗବାନ ଗଣେଶଙ୍କ ନୃତ୍ୟ ପ୍ରତିମାକୁ କେବେ ବି ଘରେ ରଖନ୍ତୁ ନାହିଁ। ଏହାକୁ ଉପହାର ରୂପେ ମଧ୍ୟ କାହାକୁ ଦିଅନ୍ତୁ ନାହିଁ। ଗଣେଶ ନୃତ୍ୟ କରୁଥିବା ପ୍ରତିମୂର୍ତ୍ତି ଘରେ ରଖିଲେ ଘରେ ଅଯଥାରେ କଳହ ସୃଷ୍ଟି ହୁଏ ବୋଲି ବିଶ୍ୱାସ ରହିଛି। ଯଦି ଏପରି ମୂର୍ତ୍ତିକୁ ଆପଣ କାହାକୁ ଉପହାର ଭାବେ ଦିଅନ୍ତି, ତା' ହେଲେ ତାଙ୍କ ଜୀବନରେ ମଧ୍ୟ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

ଯଦି ଆପଣ ଗଣପତିଙ୍କ ମୂର୍ତ୍ତିକୁ ଘରେ ରଖିବାକୁ ଯାଉଛନ୍ତି, ତେବେ ବାମ ପାର୍ଶ୍ୱକୁ ଶୁଣ୍ଢ ଥିବା ଗଣପତି ଅଣାଯିବା ଉଚିତ। କାରଣ ଡାହାଣ ପାର୍ଶ୍ୱରେ ଥିବା ଶୁଣ୍ଢ ସହିତ ଗଣେଶଙ୍କୁ ପୂଜା କରିବା ପାଇଁ ବିଶେଷ ନିୟମ ପାଳନ କରିବାକୁ ପଡିଥାଏ।

ବାସ୍ତୁବିତଙ୍କ ଅନୁଯାୟୀ, ସନ୍ତାନ ଚାହୁଁଥିବା ଦମ୍ପତି ଗଣେଶଙ୍କ ଶିଶୁ ପ୍ରତିମୂର୍ତ୍ତିକୁ ଘରକୁ ଆଣିବା ଉଚିତ। ବିଶ୍ୱାସ କରାଯାଏ ଯେ, ଏହାପରେ ଜନ୍ମିତ ସନ୍ତାନ ପିତାମାତାଙ୍କୁ ଭକ୍ତି କରିଥାନ୍ତି।

ଅନ୍ୟପକ୍ଷରେ, ଯଦି ଚାକିରି କିମ୍ବା ବ୍ୟବସାୟରେ କିଛି ଅସୁବିଧା ଅଛି, ତେବେ ସେଗୁଡ଼ିକୁ ଦୂର କରିବା ପାଇଁ ଘରେ ଗଣେଶଙ୍କର ଏକ ପ୍ରତିମା କିମ୍ବା ଫଟୋ ଲଗାଯିବା ଉଚିତ ଏହା ସମସ୍ୟା ଦୂର କରେ ଏବଂ ଆପଣଙ୍କୁ ସଫଳତା ଆଣିଦିଏ।

ଦାବାନଳ ଗ୍ରାସ

କାଳୀୟ ନାଗ ଦଳନ ପରେ ଅନେକ ସମୟ ବିତିସାରିଥିଲା। ଭଗବାନ କୃଷ୍ଣ ଓ ବ୍ରଜଭୂମିର ଅନ୍ୟମାନେ ଥକି ଯାଇଥିଲେ । ସେମାନେ



ଭୋକଶୋଷରେ ଦୁର୍ବଳ ହୋଇପଡ଼ିଥିଲେ । ତେଣୁ ସେଦିନ ସେମାନେ ବୃନ୍ଦାବନ ଫେରିପାରିନଥିଲେ । ସମସ୍ତେ ଯମୁନା ତଟରେ ରାତି ବିତାଇବା ଲାଗି ନିଷ୍ପତ୍ତି ନେଲେ । ଗ୍ରୀଷ୍ମ ଋତୁ ଥିବାରୁ ରାତିରେ ସୁଦ୍ଧା ପ୍ରବଳ ଗରମ ଅନୁଭୂତ ହେଉଥିଲା । ଯମୁନା କୂଳରେ ଚାରିଆଡ଼େ ଘଞ୍ଚ ଜଙ୍ଗଲ ଘେରି ରହିଥିଲା । ମଧ୍ୟରାତ୍ରିରେ ଶ୍ରୀକୃଷ୍ଣ ଏବଂ ଅନ୍ୟମାନେ ଆଶ୍ରୟ ନେଇଥିବା ଜଙ୍ଗଲ ଜଳିବାକୁ ଲାଗିଲା। ନିଦ ଭାଙ୍ଗିବାରୁ ଚାରିଆଡ଼େ କେବଳ ନିଆଁ ହିଁ ନିଆଁ ଥିଲା। ସମସ୍ତେ ଭୟଭୀତ ହୋଇପଡ଼ିଲେ । ଟିକିଏ ଆଗରୁ କୃଷ୍ଣ ଯମୁନା ନଦୀରୁ କାଳୀୟ ନାଗକୁ ବିତାଡ଼ିତ କରି ସେମାନଙ୍କୁ ରକ୍ଷା କରିଥିଲେ । ତେଣୁ ବ୍ରଜବାସୀ ଜଙ୍ଗଲ ନିଆଁ ବିପତ୍ତିରୁ ଉଦ୍ଧରିବା ଲାଗି କୃଷ୍ଣଙ୍କ ଶରଣାପନ୍ନ ହେଲେ । ସେମାନଙ୍କ ମନରେ ଥିବା ଭୟ ଦେଖି ଶ୍ରୀକୃଷ୍ଣ ତତ୍‌କ୍ଷଣାତ୍ ଜଙ୍ଗଲ ନିଆଁ ଗିଳିପକାଇଲେ । ଫଳରେ ସମସ୍ତ ନିରୀହ ଜନସାଧାରଣଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରିଲା । ଭଗବାନଙ୍କ ପ୍ରତି ବିଶ୍ୱାସ ରଖିଥିବାରୁ ଦୁଇ ଦୁଇଟି ବଡ଼ ବିପତ୍ତିରୁ ରକ୍ଷା ପାଇଥିଲେ । ଭଗବାନ ଶ୍ରୀକୃଷ୍ଣ ନିଜ ଜୀବନ କାଳ ମଧ୍ୟରେ ଅନେକ ଚମତ୍କାର କରିଥିଲେ। ତେବେ ଏହି ଚମତ୍କାର ସେ କେବେହେଲେ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କରୁନଥିଲେ। ପତିତ, ଅତ୍ୟାଚାରର ଶିକାର ହୋଇଥିବା ଜନତାଙ୍କ ଉଦ୍ଧାର ପାଇଁ ତାଙ୍କର ସମସ୍ତ ଚମତ୍କାର ଉଦ୍ଦିଷ୍ଟ ଥିଲା। ଏହି କାରଣରୁ ଆଜି ସେ ଭଗବାନ ରୂପେ ପୂଜିତ ହେଉଛନ୍ତି । ଶ୍ରୀକୃଷ୍ଣଙ୍କ ଜୀବନରୁ ଶିକ୍ଷା ଲାଭ କରି ମନୁଷ୍ୟ ବିଫଳତା ଦ୍ୱାରା ଭାଙ୍ଗିନପଡ଼ି ବାରମ୍ବାର ସଫଳତା ପାଇଁ ପ୍ରୟାସ କରିବା ଆବଶ୍ୟକ । କାରଣ ବାରମ୍ବାର ପ୍ରୟାସ ଦ୍ୱାରା ମନୁଷ୍ୟ ସଫଳ ହୋଇପାରିବ ।

ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ

ଭୁବନେଶ୍ୱର,୧୧।୪ (ମହାଭାରତ): ଉପ-ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ମହିଳା ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଟେକ ହୋମ୍ ରାସନ ଯୋଜନା ଅନ୍ତର୍ଗତ ଗତ ନଭେମ୍ବର ମାସରେ ଅନୁଷ୍ଠିତ ଟେକ ହୋମ୍ ରାସନ କନକ୍ଲେଭରେ ଉପସ୍ଥାପିତ ପରାମର୍ଶ ବିଷୟରେ ଏହି ବୈଠକରେ ବିଶଦ ଆଲୋଚନା କରାଯାଇଥିଲା । ଉପ- ମୁଖ୍ୟମନ୍ତ୍ରୀ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଆସାମ, ତେଲେଙ୍ଗନା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଆଦି କାର୍ଯ୍ୟକାରୀ ହେଉଥିବା ଟେକ ହୋମ୍ ରାସନ ଉତ୍ପାଦନ ମଡେଲଗୁଡିକ ଉପରେ ଚର୍ଚ୍ଚା କରିଥିଲେ । ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ) ଅଧୀନରେ ହିତାଧିକାରୀଙ୍କୁ ବଣ୍ଟା ଯାଉଥିବା ଟେକ ହୋମ୍ ରାସନର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ଗୁଡିକର ସମୀକ୍ଷା କରିଥିଲେ । ରାଜ୍ୟର ଟେକ ହୋମ୍ ରାସନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଦକ୍ଷତା ବୃଦ୍ଧି ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏହି ଅବସରରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ମହିଳା ଶିଶୁ ବିକାଶ ବିଭାଗର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଜନା ଯଥା ସକ୍ଷମ ଅଙ୍ଗନବାଡି, ମିଶନ ବାତ୍ସଲ୍ୟର କାର୍ଯ୍ୟକାରିତାର ଉପରେ ମଧ୍ୟ ସମୀକ୍ଷା କରିଥିଲେ । ସକ୍ଷମ ଅଙ୍ଗନବାଡି କାର୍ଯ୍ୟକ୍ରମ ମାଧ୍ୟମରେ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡିରେ ପରିଣିତ କରିବା ନିମନ୍ତେ ରୋଡ଼ମ୍ୟାପ ପ୍ରସ୍ତୁତ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି । ଆହୁରି ପୁଣି ଚଳିତ ବର୍ଷ ପୋଷ୍ୟ ସନ୍ତାନ ଗ୍ରହଣରେ ଓଡ଼ିଶା ଗତ ସମସ୍ତ ବର୍ଷର ରେକର୍ଡ ଭାଙ୍ଗି ରାଜ୍ୟରେ ସର୍ବାଧିକ ସଂଖ୍ୟାର ପୋଷ୍ୟ ସନ୍ତାନ ଗ୍ରହଣ ହୋଇପାରିଛି ଜାଣି ସେ ଖୁସି ବ୍ୟକ୍ତ କରିବା ସହ ମିଶନ ବାତ୍ସଲ ଅଧୀନରେ ଥିବା ଶିଶୁ ସୁରକ୍ଷା ସେବା ଯଥା ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮ ଓ ଅନ୍ୟ ସେବାଗୁଡିକ ସମ୍ବନ୍ଧରେ ଅଧିକ ଜନ ସଚେତନତା ସୃଷ୍ଟି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ଭୁବନେଶ୍ୱରରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା

ଭୁବନେଶ୍ୱର,୧୧।୪ (ମହାଭାରତ): କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କଟକ ବାଲିଯାତ୍ରା ପଡ଼ିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଆଉ କିଛି ସମୟ ପରେ କାର୍ଯ୍ୟକ୍ରମ ଆରମ୍ଭ ହେବ । ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ବିମାନ ବନ୍ଦରରୁ ସେ ଅତିଥି ଭବନ ଯାଇଛନ୍ତି । ସେଠାରୁ ସେ କଟକ ଯିବାର କାର୍ଯ୍ୟକ୍ରମ ରହିଛି । ଶନିବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ପୁରୀରେ ଦଳୀୟ କର୍ମଶାଳାରେ ଯୋଗଦେବେ । ସେଠାରେ ସେ ଦଳୀୟ ଏମ୍‌ପି, ବିଧାୟକ ଏବଂ କର୍ମୀଙ୍କୁ ଗୁରୁମନ୍ତ୍ର ଦେବେ । କଟକରେ ଆୟୋଜିତ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଅଶ୍ୱିନୀ ବୈଷ୍ଣବ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ବହୁ ମନ୍ତ୍ରୀ, ବିଧାୟକ ସାମିଲ ହେବେ ।

୨ରୁ ୩ଦିନରେ ସରିବ ମାଟ୍ରିକ ଖାତା ଦେଖା

କଟକ,୧୧।୪ (ମହାଭାରତ): ଆସିଲା ମାଟ୍ରିକ ରେଜଲ୍ଟ ତାରିଖ । ମେ' ମାସ ଦ୍ୱିତୀୟ ସପ୍ତାହରେ ଆସିବ ଫଳାଫଳ । ଏହି ସୂଚନା ଦେଇଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ । ଖାତା ଦେଖାରେ ସାମାନ୍ୟ ବିଳମ୍ବ ହୋଇଛି । ୨ରୁ ୩ ଦିନ ମଧ୍ୟରେ ସରିବ ଖାତା ଦେଖା କାର୍ଯ୍ୟ । ଏଆଇ ଓ କ୍ୟୁଆର କୋଡ୍ ଦ୍ୱାରା ସଫଳ ହୋଇଛି ପରୀକ୍ଷା ପରିଚାଳନା । ବିଜ୍ଞାନ ପ୍ରଶ୍ନପତ୍ରରେ ୪ ମାର୍କ କମ ନେଇ କିଛି ଅସୁବିଧା ହେବନି । ଗ୍ରେସ ମାର୍କ ସଂପର୍କରେ ନିଷ୍ପତ୍ତି ନେବ ପରିଚାଳନା କମିଟି । ତେବେ ମେ' ମାସର କେଉଁ ତାରିଖରେ ପରୀକ୍ଷା ଫଳ ଆସିବ ସେ ନେଇ ବୋର୍ଡ ସଭାପତି କିଛି ସ୍ପଷ୍ଟ କରିନାହାନ୍ତି ।

ଚଳିତ ବର୍ଷ ଫେବ୍ରୁଆରୀ ୨୧ ତାରିଖରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲା । ରାଜ୍ୟରେ ହୋଇଥିବା ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୫ ଲକ୍ଷ ୨୨ ହଜାର ୩୩୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । କପି ରୋକିବା ପାଇଁ ୪ ସ୍ତରୀୟ ସ୍ୱାର୍ଡ ବ୍ୟବସ୍ଥା ହୋଇଥିଲା । ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିବା ସହ ୬ ଶହ କେନ୍ଦ୍ରରେ ଲାଇଭ ଭିଡିଓ ବ୍ୟବସ୍ଥା ହୋଇଥିଲା । ସେହିପରି ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ ଛଜ କୋଡ୍ ବ୍ୟବସ୍ଥା ହୋଇଥିଲା ।

ବିଲଡରଙ୍କୁ ପିଟି ପିଟି ହତ୍ୟା

ଭୁବନେଶ୍ୱର,୧୧।୪ (ମହାଭାରତ): ରାଜଧାନୀରେ ବିଲ୍‌ଡରଙ୍କୁ ବିଭତ୍ସ ହତ୍ୟା । ପିଟି ପିଟି ନିର୍ମମ ଭାବେ ଜଣେ ବିଲ୍‌ଡରଙ୍କୁ ହତ୍ୟା କରିଛନ୍ତି ଆକ୍ରମଣକାରୀ । ଜମି ବାଡ଼ି ବିବାଦକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ମୃତକ ହେଲେ ସସ୍ମିତ ବିଶ୍ୱାଳ । ତାଙ୍କ ଘର ଏଆରପୋର୍ଟ ଥାନା ଅନ୍ତର୍ଗତ ଭୀମପୁର ଅଂଚଳରେ । ଅଭିଯୋଗ ଅନୁସାରେ ଜମିବାଡ଼ି ବିବାଦକୁ ନେଇ କିଛି ଲୋକଙ୍କ ସହ ସସ୍ମିତଙ୍କ ଗଣ୍ଡଗୋଳ ଲାଗି ରହିଥିଲା । ଆଜି ମଧ୍ୟ ଗଣ୍ଡଗୋଳ ହୋଇଥିଲା, ଖବର ପାଇ ପୋଲିସ ପହଂଚି ସମାଧାନ କରି ଫେରିଥିଲା ।

କିନ୍ତୁ ସସ୍ମିତ ସେହି ସ୍ଥାନରେ ଉପସ୍ଥିତ ରହିଥିଲେ । ପରବର୍ତ୍ତୀ ସମୟରେ ପୁଣି ଥରେ ଆକ୍ରମଣକାରୀଙ୍କ ସହ ଯୁକ୍ତି ତର୍କ ହୋଇଥିଲା । ଏହାକୁ ନେଇ ଆକ୍ରମଣକାରୀମାନେ ତାଙ୍କୁ ଆକ୍ରମଣ କରି ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକ । ଘଟଣା ସ୍ଥଳରେ ଏୟାରଫିଲ୍ଡ଼ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି ପୁଲିସ ।

ଅନ୍ତ୍ୟୋଦୟ ଗୃହ ଯୋଜନା ୧ ଲକ୍ଷ ୫୯ ହଜାର ଜଣଙ୍କୁ ମିଳିବ ଘର

ଭୁବନେଶ୍ୱର,୧୧।୪ (ମହାଭାରତ): ଅନ୍ତ୍ୟୋଦୟ ଗୃହ ଯୋଜନାରୁ କେହି ବଞ୍ଚିତ ହେବେନି । ଚଳିତବର୍ଷ ୧ ଲକ୍ଷ ୫୯ ହଜାର ଜଣଙ୍କୁ ମିଳିବ ଘର । ଏକ ଲକ୍ଷ ହିତାଧିକାରୀଙ୍କ ତାଲିକା ଏହି ମାସ ଭିତରେ କରାଯିବ ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ । ଦୁଇ ମାସ ମଧ୍ୟରେ ୱାର୍କ ଅର୍ଡର ଇସୁ କରାଯିବ । ମାନଦଣ୍ଡ ପୂରଣ କରିଥିଲେ ଘର ମିଳିବ ବୋଲି କହିଛନ୍ତି । ଗତ ଥର ଯେଉଁ ନିୟମରେ ଘର ଦିଆଯାଇଥିଲା ସେହି ନିୟମରେ ଚଳିତ ଥର ମଧ୍ୟ ମିଳିବ ବୋଲି ପ୍ରେସମିଟରେ କହିଛନ୍ତି ମନ୍ତ୍ରୀ । ଏହା ୨୦୨୬ ସୁଦ୍ଧା ସଂପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ପୂର୍ବ ସରକାର ପାଣି ସମସ୍ୟା ପ୍ରତି ଦୃଷ୍ଟି ଦେଉ ନଥିଲେ । ଆମ ସରକାର ପାଣି ସମସ୍ୟାକୁ ଗୁରୁତର ସହ ନେଇଛନ୍ତି । ୨୧ ହଜାର ୩୦୦ ପାଖାପାଖି ବିଭିନ୍ନ ଜିଲ୍ଲାରେ ଏହା ଲାଗିବ ।

ସୁଦର୍ଶନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଭାତି ପରିଡା

ଭୁବନେଶ୍ୱର,୧୧।୪ (ମହାଭାରତ): ବ୍ରିଟେନରେ ସମ୍ମାନିତ ସୁଦର୍ଶନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ଓ୍ୱେମାଉଥ୍‌ରେ ଆୟୋଜିତ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ଭଗବାନ ଗଣେଶଙ୍କ ୧୦ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳ ମୂର୍ତ୍ତି ତିଆରି କରି 'ଦ ଫ୍ରେଡ୍ ଡାରିଙ୍ଗଟନ୍' ପ୍ରଥମ ବ୍ରିଟିଶ୍ ସ୍ୟାଣ୍ଡ ମାଷ୍ଟର ପୁରସ୍କାରରେ ସମ୍ମାନିତ ହୋଇଥିବା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ବାଲୁକା ଶିଳ୍ପୀ ଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରୁଛନ୍ତି ପ୍ରଭାତି ପରିଡା ।

ମାଲିକଙ୍କୁ ଟଙ୍କା ଫେରାଇଲେ ପୀୟୂଷ ତ୍ରିପାଠୀ

ଭୁବନେଶ୍ୱର,୧୧।୪ (ମହାଭାରତ): ଅପେରା ସୂର୍ଯ୍ୟ ମନ୍ଦିର ଓ ସିଂହବାହିନୀ ମାଲିକଙ୍କୁ ଅଗ୍ରୀମ ଟଙ୍କା ଫେରାଇଲେ ଅଭିନେତା ପୀୟୂଷ ତ୍ରିପାଠୀ । ଅଭିନେତା ଓ ମାଲିକଙ୍କୁ ନେଇ ଜାରି ବିବାଦ ଭିତରେ ଶୁକ୍ରବାର ଯାତ୍ରା ମାଲିକ ମହାସଂଘର ବୈଠକ ବସିଥିଲା । ପୀୟୂଷ ମଧ୍ୟ ଏଥିରେ ସାମିଲ ହୋଇଥିଲେ । ବୈଠକ ଶେଷ ହେବା ପରେ ଗଣମାଧ୍ୟମ ସାମ୍ନାରେ ପୀୟୂଷ ବୟାନ ଦେଇଥିବାବେଳେ ଅନେକ କଥା ଅସ୍ପଷ୍ଟ ରଖି ମାଲିକଙ୍କ ଉପରେ ଛାଡ଼ି ଦେଇଛନ୍ତି । ପୀୟୂଷ ପ୍ରତିକ୍ରିୟା ରଖି କହିଛନ୍ତି, 'ଅପେରା ସୂର୍ଯ୍ୟ ମନ୍ଦିର ଓ ସିଂହବାହିନୀ ମାଲିକଙ୍କୁ ଅଗ୍ରୀମ ଟଙ୍କା ଫେରାଇଛି । ଛୋଟ କଥାରୁ ବିବାଦ ହେଲା, ଆଶା କରୁଛି ଏହାର ଅନ୍ତ ହେଲା । ସ୍ୱାସ୍ଥ୍ୟଗତ ଓ ପାରିବାରିକ ସମସ୍ୟା ରହିଛି । ତେବେ ଗାଡ଼ି ମୋ ପାଖରେ ରହିବ, ରଗଓ ମୁଁ ଦେବି । ଆସନ୍ତାବର୍ଷ ଅଭିନୟ କରିବି କି ନାହିଁ ତାର ନିଷ୍ପତ୍ତି ମାଲିକ ସଂଘ ନେବ ।' ପ୍ରକାଶ ଯେ, ଗତ ସପ୍ତାହରେ ବସିଥିବା ମାଲି ସଂଘ ବୈଠକରେ ହଠାତ୍ ଖବର ଆସିଥିଲା ପୀୟୂଷଙ୍କୁ ଆଉ ଯାତ୍ରାରେ ଦେଖିବାକୁ ମିଳିବନି ଆସନ୍ତା ଯାତ୍ରା ଋତୁରେ । ତେବେ କୁହାଯାଇଥିଲା କି ଆଜି ଏହାର ନିଷ୍ପତ୍ତି ନିଆଯିବ । ଏ ନେଇ ଯାତ୍ରା ମାଲିକ ସଂଘକୁ

ଜଣାଇଥିଲେ । ତେବେ ପୀୟୂଷଙ୍କ ବାପା ଅସୁସ୍ଥ ଥିବାରୁ ସେ ଏହି ନିଷ୍ପତ୍ତି ନେଇଥିବା କହିଥିଲେ । ମାତ୍ର କିଛି ଦିନ ପୂର୍ବରୁ ଉଭୟ ପାର୍ଟିର ପୋଷ୍ଟରରେ ପୀୟୂଷଙ୍କ ଫଟୋ ନଜର ଆସିଥିଲା । ଗତ ଫେବ୍ରୁଆରୀ ମାସରେ ପୀୟୂଷ ଏକ ବଡ଼ ବିବାଦରେ ଛନ୍ଦି ହୋଇପଡ଼ିଥିଲେ । ପୀୟୂଷ ଏବଂ ଯାତ୍ରା ସିଂହବାହିନୀ ପ୍ରଯୋଜକ ସଞ୍ଜୀବ ପାଢ଼ୀଙ୍କ ମଧ୍ୟରେ ହୋଇଥିଲା ଏହି ବିବାଦ । ସୂର୍ଯ୍ୟମନ୍ଦିର ଯାତ୍ରା ପାର୍ଟିରେ ଅଭିନୟ କରୁଥିବା ପିୟୁଷଙ୍କୁ ଆଗାମୀ ବର୍ଷଠୁ ନେବାକୁ ଚାହିଁଥିଲେ ସିଂହବାହିନୀ ଅପେରାର ପରିଚାଳକ । ଏଥିପାଇଁ କିଛି ପର୍ଯ୍ୟାୟରେ କଥାବାର୍ତ୍ତା ପରେ ଚୁକ୍ତି ହୋଇଥିଲା । ସିଂହବାହିନୀ ପ୍ରଯୋଜକ ସଞ୍ଜୀବ ପାଢ଼ୀଙ୍କ କହିବା ଅନୁସାରେ ଚୁକ୍ତି କରି ପିୟୁଷଙ୍କୁ ୫୫ ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ । ଏକ ଦାମୀ ଫର୍ଚ୍ୟୁନର ଗାଡ଼ି ଦେଇଥିଲେ । ପୀୟୁଷ ସିଂହବାହିନୀକୁ ଆସିବାକୁ କଥା ହେବା ସହ ପୁରୀ ଜଗନ୍ନାଥ ମନ୍ଦିରରେ ଶପଥ ବି କରିଥିବା ଦାବି କରିଥିଲେ ସଞ୍ଜୀବ । କିନ୍ତୁ ପରେ ପୀୟୁଷ ମନା କରିଥିଲେ ସିଂହବାହିନୀ ଯାତ୍ରା ଅନୁଷ୍ଠାନରେ କାମ କରିବେନି । ସୋସିଆଲ୍ ମିଡିଆରେ ପୀୟୂଷ ସିଂହବାହିନୀ ଯାଉନଥିବା କଥା ମଧ୍ୟ କହିଥିଲେ । ଯାହାକୁ ନେଇ ଅନେକ ବିବାଦ ହୋଇଥିଲା । ଶେଷରେ ନ୍ୟୁଜ୍ ସେଭେନ ଷ୍ଟୁଡିଓରେ ଉଭୟଙ୍କ ମଧ୍ୟରେ ସମାଧାନ ହୋଇଥିଲା । ପୀୟୂଷ ସିଂହବାହିନୀ ସହ କାମ କରିବେ ବୋଲି କହିଥିଲେ ।

ବ୍ରାଉନ୍‌ସୁଗାର ବେପାରୀକୁ ଏନ୍‌କାଉଣ୍ଟର୍

ଭୁବନେଶ୍ୱର,୧୧।୪ (ମହାଭାରତ): ରାଜଧାନୀ ଭୁବନେଶ୍ୱରରେ ପୁଣି ଏନ୍‌କାଉଣ୍ଟର । ବ୍ରାଉନସୁଗାର ବେପାରୀ ଶେଖ୍ ଜାମସେଦ୍‌କୁ ଏନ୍‌କାଉଣ୍ଟର୍ କଲା ସ୍ପେଶାଲ କ୍ରାଇମ୍ ୟୁନିଟ୍ । ଶେଖ୍ ଜାମସେଦ୍‌ର ଗୋଡ଼ରେ ବାଜିଛି ଦୁଇଟି ଗୁଳି । ତାକୁ ତୁରନ୍ତ ଉଦ୍ଧାର କରାଯାଇ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି । ଜାମ୍‌ସେଦ୍ ନାଁରେ ବିଭିନ୍ନ ଥାନରେ ଏକାଧିକ ମାମଲା ରହିଛି ।

ସୂଚନା ଅନୁଯାଇ, ବ୍ରାଉନ୍‌ସୁଗାର ମାଫିଆ ଶେଖ୍ ଜାମସେଦ୍ ଖୋର୍ଦ୍ଧାରେ ବ୍ରାଉନ୍ ସୁଗାର ବିକ୍ରି ନେଇ କମିସନ୍‌ରେଟ୍ ପୋଲିସକୁ ଖବର ମିଳିଥିଲା । ଏହା ପରେ ଆହ୍ୱନ୍ ମୋଡ଼କୁ ଆସିଥିଲେ ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ଏକ ଟିମ୍ । ଯୋଜନା ମୁତାବିକ ଶେଖ ଜାମସେଦକୁ ଧରିବା ପାଇଁ ଜାଲ ବିଛାଇଥିଲା ପୋଲିସ । ଖଣ୍ଡଗିରି କୋଳଥିଆ ନିକଟରେ ଶେଖ ଜାମସେଦକୁ ଧରିବା ବେଳେ ପୋଲିସକୁ ଦେଖି ପାଲଟା ଗୁଳି ଚଳାଇଥିଲା । ଏହାପରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ପାଲଟ ଜବାବରେ ଗୁଳିମାଡ଼ କରିଥିଲା । ଯେଉଁଥିରେ ଜାମ୍‌ସେଦ୍ ଗୋଡ଼ରେ ଦୁଇଟି ଗୁଳି ବାଜିଥିଲା । ତାକୁ ଉଦ୍ଧାର କରାଯାଇ ଭୁବନେଶ୍ୱରର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେଠାରେ ତାର ଚିକିତ୍ସା ଜାରି ରହିଛି । ଅନ୍ୟପଟେ ବାଇକ୍ ଏବଂ ବ୍ରାଉନ୍ ସୁଗାର ଜବତ କରି ପୋଲିସ ତଦନ୍ତ ଚଳାଇଛି ।

ଅଶାନ୍ତ ପିପିଲି, ଫୁଟିଲା ବୋମା

ପିପିଲି,୧୧।୪ (ମହାଭାରତ): ଜମାଲପୁର ବୋମାମାଡ଼ରେ ଜଣେ ଗୁରୁତର ହେବା ସହ ୩ ଜଣ ଆହତ ହୋଇଛନ୍ତି । ଏହି ବୋମାମାଡ଼ ଏତେ ଭୟଙ୍କର ଥିଲା ଯେ ଯୁବକଙ୍କ ହାତରୁ ଆଙ୍ଗୁଠି ଛିଣ୍ଡି ତଳେ ଗଳି ପଡ଼ିଥିଲା । ଗୁରୁତରଙ୍କୁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି । ଏପଟେ ବୋମାମାଡ଼ ପଛର କାରଣ ଖୋଜୁଛି ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ । ଅଭିଯୁକ୍ତକୁ ସାଙ୍ଗରେ ଧରି ସିନ୍ ରି କ୍ରିଏସନ୍ କରିଛନ୍ତି ପିପିଲି ଥାନା ଅଧିକାରୀ । ଗତକାଲି ପିପିଲି ଜମାଲପୁରୁ ଗାଁରେ ମେଲଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଗାଁରେ ଦୋଳ ମେଲଣ ଦେଖିବାକୁ ରୁଣ୍ଡ ହୋଇଥିଲେ ଅନେକ ଲୋକ । ହେଲେ କାଳବୈଶାଖୀ ବର୍ଷା ପାଇଁ ଯାତ୍ରା ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା ଗାଁ କମିଟି । ଏହାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ହୋଇଥିଲା ବଚସା । ସେହି ପାଟିତୁଣ୍ଡକୁ କେନ୍ଦ୍ର କରି ୨ରୁ ୩ଟି ବୋମାମାଡ଼ ହୋଇଥିବା ସନ୍ଦେହ କରାଯାଉଛି । ଏତେ ବୋମା ଘଟଣାସ୍ଥଳକୁ ଆସିଲା କେଉଁଠୁ, କେଉଁଠି ବୋମା ଭିଡ଼ିଥିଲା ଅଭିଯୁକ୍ତ ? ଏଥିରେ କିଏ କିଏ ସମ୍ପୃକ୍ତ ? ଏସବୁ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଛି । ଏହା ପୂର୍ବରୁ ଚାନ୍ଦୁଆ ନଗରୀ ପିପିଲି ଏଭଳି ହିଂସାକାଣ୍ଡ ଲୋକଙ୍କ ଚିନ୍ତା ବଢ଼ାଇଛି ।

କଟକ ମହାନଗର ନିଗମ କାଉନସିଲ ବୈଠକରେ ହଙ୍ଗାମା

କଟକ,୧୧।୪ (ମହାଭାରତ): କଟକ ମହାନଗର ନିଗମ କାଉନସିଲ ବୈଠକରେ ହଙ୍ଗାମା । ଭାଙ୍ଗିଲା କାଚ ଗ୍ଲାସ । ଉଡିଲା ଫାଇଲ । ହାତରେ ବ୍ୟାନର ଧରି ତୁମ୍ବି ତୋଫାନ । ଦେଢ ଘଣ୍ଟା ଯାଏ ପରି ଚାଲିଲା ହାଇଡ୍ରାମା । ନା ବିରୋଧୀଙ୍କ ଆକ୍ଷେପ ଉପରେ କିଛି ଉତ୍ତର ମିଳୁଥିଲା ନା ମେୟରଙ୍କ ସଫେଇକୁ କେହି ଶୁଣିବାକୁ ପ୍ରସ୍ତୁତ ଥିଲେ । ଓପନ ଜିମ୍ ଉପକରଣ କିଣାରେ ଦୁର୍ନିତି, କାଉନସିଲର ବିନା ଅନୁମୋଦନରେ ଜୈବ ବର୍ଜ୍ୟ ବସ୍ତୁ ପରିଚାଳନା ଟେଣ୍ଡର, ଓଏଷ୍ଟାବ୍ଲିସମେଣ୍ଟ କମିଟିର ବିନା ଜାଣତରେ କର୍ମଚାରୀ ନିଯୁକ୍ତି କରାଯାଇଥିବା ଭଳି ସଂଗୀନ ଅଭିଯୋଗ ଆଣି ସମସ୍ତ କର୍ପୋରେଟର ମେୟରଙ୍କୁ ମାଗିଥିଲେ କୈଫତ । ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ମେୟର ସୁବାସ ସିଂଙ୍କୁ ବୈଠକରେ କେହି ଗୁରୁତ୍ୱ ଦେଲେନି । ମେୟରଙ୍କୁ ବିରୋଧ କରିଛନ୍ତି ଖୋଦ୍ ତାଙ୍କ ଦଳର ମହିଳା କର୍ପୋରେଟର । ୫୫ ନମ୍ବର ୱାର୍ଡର କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡା ଏକ ପ୍ରଶ୍ନ ଉଠାଇ, ସମସ୍ତଙ୍କ ମୁହଁ ବନ୍ଦ କରିଦେଇଛନ୍ତି । ମେୟର ସୁବାଷ ସିଂଙ୍କ ନେତୃତ୍ୱରେ ସିଏମ୍‌ସି କାଉନସିଲ୍‌କୁ ପୁରିଛି ୩ ବର୍ଷ । ବୁଧବାର ଥିଲା କାଉନସିଲ୍‌ର ୩୦ ତମ ଅଧିବେଶନ । ହେଲେ ମିଟିଂ ଆରମ୍ଭ ହେଉ ହେଉ ଆରମ୍ଭ ହୋଇଯାଇଥିଲା ଡ

ମୌଳବାଦୀ ସକ୍ରିୟ

କିଛି ମୌଳବାଦୀ ଏବେ ବାଂଲାଦେଶରେ ବେଶ ସକ୍ରିୟ ହୋଇଉଠିଛନ୍ତି। ସେମାନେ ଭାରତକୁ ଶତ୍ରୁ ଦୃଷ୍ଟିରେ ଦେଖୁଛନ୍ତି। କିନ୍ତୁ ଭାରତ କେବେ ବାଂଲାଦେଶ ବିରୋଧରେ କୌଣସି କାର୍ଯ୍ୟ କରିନାହିଁ। ବରଂ ବାଂଲାଦେଶକୁ ସବୁ ବେଳେ ଆର୍ଥିକ ସହାୟତା ପ୍ରଦାନ କରି ଆସିଛି। ଭାରତରୁ ଅଧିକାଂଶ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ବାଂଲାଦେଶକୁ ରପ୍ତାନୀ ହୋଇଥାଏ। ଏପରିକି ଗହମ ଓ ପିଆଜ ରପ୍ତାନୀ ଉପରେ କଟକଣା ଲାଗିଥିବା ବେଳେ ମଧ୍ୟ ଭାରତ ବାଂଲାଦେଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିରୁ ବିଚାର କରି ଏହାର ଯୋଗାଣ ଅବ୍ୟାହତ ରଖି ଆସିଛି। କିନ୍ତୁ କିଛି ଲୋକଙ୍କ ମୌଳବାଦୀ ଚିନ୍ତାଧାରା ଯୋଗୁ ବାଂଲାଦେଶ ଆଜି ଭାରତର ଶତ୍ରୁ ପାଲଟିଛି। ହାସିନାଙ୍କୁ ଭାରତ ଆଶ୍ରୟ ଦେବା ମଧ୍ୟ ବାଂଲାଦେଶ ସରକାରଙ୍କ ଦେହରେ ଯାଉନି। ହାସିନାଙ୍କ ପ୍ରତ୍ୟର୍ପଣ ଲାଗି ବାଂଲାଦେଶର ଅନୁରୋଧକୁ ଭାରତ ବିଚାର ହିଁ କରିନାହିଁ। ଏବେ ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ କୁହାଯାଉଥିବା ମହମ୍ମଦ୍ ୟୁନୁସ ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମୂଳରୁ ସେ ପ୍ରତି କ୍ଷେତ୍ରରେ ଭାରତକୁ ବିରୋଧ ଏବଂ ସମାଲୋଚନା କରି ଆସୁଛନ୍ତି। ଭାରତ ବିରୋଧରେ ସେ ଚୀନ ସହ ହାତ ମିଳାଇଛନ୍ତି। ନିକଟରେ ଚୀନ ଗସ୍ତରେ ଯାଇଥିବା ୟୁନୁସ ଭାରତ ବିରୋଧରେ ଚୀନକୁ ଉସୁକାଇଛନ୍ତି। ବାଂଲାଦେଶ ସୀମାକୁ ଲାଗିଥିବା ଉତ୍ତର-ପୂର୍ବାଞ୍ଚଳର ୭ଟି ରାଜ୍ୟ ସୀମାବର୍ତ୍ତୀ ଅଞ୍ଚଳରେ ନିଜ ବାଣିଜ୍ୟ ବା ଅର୍ଥନୈତିକ କରିଡର ପ୍ରତିଷ୍ଠା ପାଇଁ ଚୀନକୁ ଉସୁକାଇଛନ୍ତି ୟୁନୁସ। ଭାରତୀୟ ଜଳସୀମାରେ ପ୍ରବେଶ କରିବାକୁ ସେ ଚୀନକୁ ପ୍ରସ୍ତାବ ଦେଇଛନ୍ତି। ଏହାକୁ ସେ ବାଂଲାଦେଶର ଅଞ୍ଚଳ ବୋଲି ଦାବି କରିଛନ୍ତି। ଏଥିରେ ବାଂଲାଦେଶର କିଛି ସ୍ୱାର୍ଥ ନାହିଁ। କେବଳ ଭାରତକୁ ବିପଦରେ ପକାଇବା ଏବଂ ଏହାକୁ ସାମରିକ ତଥା ଅର୍ଥନୈତିକ ଦୃଷ୍ଟିରୁ ଚାଲେଞ୍ଜ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଭାରତ ସହ ବାଂଲାଦେଶ କୌଣସି ଦୃଷ୍ଟିରୁ ସମକକ୍ଷ ନୁହେଁ। ଭାରତର ଆର୍ଥିକ ଏବଂ ସାମରିକ ଶକ୍ତି ବାଂଲାଦେଶଠାରୁ ବହୁ ଆଗରେ। ୟୁନୁସ ଏହା ଭଲଭାବେ ଜାଣିଛନ୍ତି ଏବଂ ସେଥିପାଇଁ ସେ ଭାରତ ସହ ସିଧାସଳକ ମୁକାବିଲା ନକରି ଚୀନକୁ ଏଥିଲାଗି ଉସୁକାଇଛନ୍ତି। କିନ୍ତୁ ଚୀନ ରାଷ୍ଟ୍ରପତି ଜିନ ପିଙ୍ଗ ଜଣେ ଚତୁର ଏବଂ ପରିପକ୍ୱ ବ୍ୟକ୍ତି। ସେ ଭାରତ ସହ ବିବାଦକୁ କେବେ ପସନ୍ଦ କରିବେ ନାହିଁ। ଭାରତର ସୀମା ଉପରେ ଚୀନର ଲୋଲୁପ ଦୃଷ୍ଟି ରହିଛି ସତ୍ୟ, କିନ୍ତୁ ଭାରତ ସହ ଶତ୍ରୁତା କରି ଜିନ ପିଙ୍ଗ ନିଜର ଶକ୍ତି କ୍ଷୟ କରିବାକୁ ଚାହାଁନ୍ତି ନାହିଁ। ଭାରତ ତୁଳନାରେ ଚୀନ ଏକ ଶକ୍ତିଶାଳି ରାଷ୍ଟ୍ର। କିନ୍ତୁ ଭାରତ ହେଉଛି ଚୀନର ଏକ ବଡ଼ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର। ଭାରତ ବିପୁଳ ପରିମାଣର ସାମଗ୍ରୀ ଚୀନଠାରୁ ଆମଦାନୀ କରିଥାଏ। ତା ଛଡ଼ା ଭାରତ ସହ ଯୁଦ୍ଧ ଲାଗିଲେ ଚୀନର ମଧ୍ୟ ବିପୁଳ କ୍ଷତି ହୋଇପାରେ। ଜିନ ପିଙ୍ଗ ଏହି ବାସ୍ତବତାକୁ ଭଲଭାବେ ଜାଣନ୍ତି। ତେବେ ୟୁନୁସ ଚୀନକୁ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହା ବାଂଲାଦେଶର କ୍ଷତି ସାଧନ କରିବ। ଚୀନର ଚରିତ୍ର ହେଲା ଛୋଟ ଛୋଟ ଦେଶକୁ ଋଣଜାଲରେ ପକାଇ ଏହାକୁ ନିଜ ୍କବଜାରେ ରଖିବା ଏବଂ ଏହାର ପ୍ରାକୃତିକ ସମ୍ପଦକୁ ଲୁଟ କରିବା। ବହୁ ବର୍ଷ ତଳୁ ଚୀନ ବାଂଲାଦେଶକୁ କବଜାକରିବା ନିମନ୍ତେ ପ୍ରୟାସ କରି ଆସୁଛି। ହାସିନାଙ୍କ ସମୟରେ ଚୀନ ଏଥିଲାଗି ଯୋଜନା ପ୍ରସ୍ତୁତ କରିଥିଲା।

ମାନବ କୈନ୍ଦ୍ରିକ ଜଗତୀକରଣ ଜରୁରୀ

॥ ବାଦଲ ଭୂୟାଁ ॥

ଦକ୍ଷତା ବିକାଶ ଜରୁରୀ।

ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ

ଦକ୍ଷତା ବିକାଶ ବା କାପାସିଟି

ବିଲ୍ଡିଂ ଜରୁରୀ ବୋଲି ଭଏସ

ଅଫ ଗ୍ଲୋବାଲ ସମିଟରେ

ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍

ହାନୀ ମାର୍ଟିନ କହିଛନ୍ତି।

ସେଠାରେ ସ୍କିଲିଂ ଏବଂ ଶିକ୍ଷାର

ବିକାଶକୁ ଗୁରୁତ୍ୱ ଦିଆଯାଉଛି।

ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ

ପାଠପଢ଼ାରେ ସମସ୍ୟାର

ସମାଧାନ ଏବଂ ସେମାନଙ୍କ

ନୈତିକ ଶିକ୍ଷା ବଢ଼ାଇବା ଉପରେ

ସର୍ଭେ ମଧ୍ୟ କରାଯାଇଛି।

ଟେକ୍ନିକାଲ ଏବଂ ଭୋକେସନାଲ

ଟ୍ରେନିଂ ହବ ବନାଇବା ପାଇଁ

ଶ୍ରମିକ ବିଭାଗ ସହ ମିଳିତ

ଭାଗିଦାରୀରେ ସେମାନେ କାର୍ଯ୍ୟ

ଜାରି ରଖିଛନ୍ତି।

ଗ୍ଲୋବାଲ ସାଉଥ ମେଧାବୃତ୍ତି ଆରମ୍ଭ କରିବ ଭାରତ : ସମଗ୍ର ବିଶ୍ୱରେ ଶିକ୍ଷା କ୍ଷେତ୍ରରେ ଭାରତ ଏକ ଆଦର୍ଶଣୀୟ ରାଷ୍ଟ୍ର ଭାବେ ଆଜି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଛି। ଗତ ତିନି ବର୍ଷ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ପାଇଁ ବେଶ ଆହ୍ୱାନପୂର୍ଣ୍ଣ ଥିଲା। କିନ୍ତୁ ନୂଆବର୍ଷ ନୂଆ ଆଶା ନେଇ ଆସିଛି। ଆମେ ସଭିଏଁ ଗ୍ଲୋବାଲଇଜେଶନକୁ ସମର୍ଥନ କରୁ। ଭାରତ ସର୍ବଦା ବିଶ୍ୱକୁ ଏକ ପରିବାର ରୂପରେ ଦେଖିଥାଏ। ଆମେ ଏପରି ଏକ ଜଗତୀକରଣ ଚାହୁଁ ଯେଉଁଠି ଜଳବାୟୁ କିମ୍ବା ଋଣ ସଙ୍କଟ ସୃଷ୍ଟି ହେଉ ନଥିବ, ଯାହା ମାନବକୈନ୍ଦ୍ରିକ ହୋଇଥିବ। ଯେଉଁଠି ଟିକାକରଣରେ ଅସମାନତା ନଥିବ ଏବଂ ଯେଉଁଠି ମାନବିକତା ଏବଂ ସମୃଦ୍ଧିର ସ୍ଥାନ ଥିବ ବୋଲି ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ସୂଚନାଥାଉକି ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ୧୨୦ରୁ ଅଧିକ ବିକାଶଶୀଳ ଦେଶ ଭାଗ ନେଇଛନ୍ତି। ଏହା ଗ୍ଲୋବାଲ ସାଉଥର ସବୁଠାରୁ ବଡ଼ ଧରଣର ଭର୍ଚୁଆଲ ସମିଟ। ପ୍ରଧାନମନ୍ତ୍ରୀ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦ ସମେତ ଅନ୍ତର୍ଜାତୀୟ ସଙ୍ଗଠନ ଗୁଡ଼ିକରେ ତତ୍କାଳ ଏକ ମୌଳିକ ସୁଧାରର ଆବଶ୍ୟକତା ରହିଛି। ଭାରତ ଏକ ଗ୍ଲୋବାଲ ସାଉଥ ସେଣ୍ଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବ। ନୂଆ ପ୍ରୋଜେକ୍ଟ ଆରୋଗ୍ୟ ମୈତ୍ରୀ ବାବଦରେ ମୋଦି ପ୍ରକାଶ କରିଥିଲେ। ଏହାଦ୍ୱାରା ଭାରତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶ ଗୁଡ଼ିକୁ ମେଡ଼ିକାଲ ସୁବିଧା ଉପଲବ୍ଧ କରାଇପାରିବ ବୋଲି ସେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଯୁଦ୍ଧ, ଆତଙ୍କବାଦ ସମେତ ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ବିଶ୍ୱ ସଙ୍କଟରେ ପଡ଼ିଛି। ଆଉ କେତେ ଦିନ ଏହି ଅସ୍ଥିରତା ଜାରି ରହିବ ତାହା କହିବା କଷ୍ଟକର ବୋଲି କହିଥିଲେ। ଏଥିସହ ଇନ୍ଧନ ସଙ୍କଟ, ଖାଦ୍ୟାଭାବ, ମୁଦ୍ରାସ୍ଫୀତି, କରୋନା ମହାମାରୀ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଆଦି ଉପରେ ଚିନ୍ତା ବ୍ୟକ୍ତ କରିଥିଲେ। ଭଏସ ଅଫ ଗ୍ଲୋବାଲ ସାଉଥ ସମିଟରେ ବାର୍ବାଡ଼ାସ, କୋଷ୍ଟାରିକା, କମନୱେଲଥ ଦେଶ ବାହାମାସ, କ୍ୟୁବା, ଗାମ୍ବିଆ, ହଣ୍ଡୁରାସ, ଲାଓ ପିପୁଲସ ଡେମାକ୍ରାଟିକ ରିପବ୍ଲିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ. ସେଣ୍ଟ ଭିନସେଣ୍ଟ ଏବଂ ଦି ଗ୍ରେନାଡାଇନସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ।

ଭାରତର ଶିକ୍ଷା ବ୍ୟବସ୍ଥା ପ୍ରଶଂସନୀୟ କାରଣ କେନ୍ଦ୍ରଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ନେବା ପରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଆହୁରି ବାସ୍ତବାଭିମୁଖୀ ଓ ଶିକ୍ଷାଭିମୁଖୀ କରିପାରିଛନ୍ତି। ଗାମ୍ବିଆର ଶିକ୍ଷା ମନ୍ତ୍ରୀ ପ୍ରଫେସର ପାଏରୀ ଗୋମେଜ ଶିକ୍ଷା ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବିକାଶ ଦିଗରେ ଭାରତୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଷ୍ଟେମ ବର୍ଗରେ ଭାରତ ସହ ଭାଗିଦାରୀ ହେବା ପାଇଁ ସେ ଇଚ୍ଛା ପ୍ରକାଶ କରିବା ସହ ବୈଷୟିକ, ଧନ୍ଦାମୂଳକ, ଶିକ୍ଷା ପ୍ରଶିକ୍ଷଣକୁ ତାଙ୍କ ଦେଶ ଗୁରୁତ୍ୱ ଦେଇ ଏହାକୁ ବିକଶିତ କରିବା ପାଇଁ ସେ ଭାରତର ସହଯୋଗ ଲୋଡ଼ିଥିଲେ। ନ୍ୟାସନାଲ ଏଜୁକେସନାଲ ହବ ଏବଂ ନ୍ୟାସନାଲ ଟେକ୍ନୋଲୋଜି ପାର୍କ ସ୍ଥାପନ କରିବା ପାଇଁ ସେ ଭାରତ ଠାରୁ ସହଯୋଗ ଆଶା କରିଥିଲେ। ବିକାଶ ଏଜେଣ୍ଡା ପୂରଣ ପାଇଁ ଭାରତର ସହଯୋଗ ଲୋଡ଼ା। ସ୍ଥାୟୀ ବିକାଶ ଏଜେଣ୍ଡାକୁ ପୂରଣ କରିବା ପାଇଁ ଭାରତର ସହଯୋଗ ଲୋଡ଼ା ବୋଲି ସୋଲୋମାନ ଆଇଲ୍ୟାଣ୍ଡର ଶିକ୍ଷାମନ୍ତ୍ରୀ ଲେନଲୀ ତାନଗାଣ୍ଡା କହିଛନ୍ତି। ଭାରତର ଷ୍ଟଡି ଏବଂ ଟ୍ରେନିଂ ବ୍ୟବସ୍ଥା ଏକ ସଫଳ ମଡ଼େଲ ବୋଲି ସେ ପ୍ରକାଶ କରିଥିଲେ।

ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ୍ୟ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି। ଡିଜିଟାଲ ଏଜୁକେଶନ ରିସୋର୍ସ ମଧ୍ୟ କରାଯାଇଛି। ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଶିକ୍ଷାନୁଷ୍ଠାନଗୁଡ଼ିକର ଡିଜିଟାଲାଇଜେସନ କରାଯାଇଥିବା ଗ୍ଲେନିସ କହିଛନ୍ତି।

ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା । ଉରୁଗୁଏ ଶିକ୍ଷାମନ୍ତ୍ରୀ ପାବଲୋ ଦା ସିଲଭେରା କହିଛନ୍ତି ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ନିଜ ଦେଶର ସମାଜ ଏବଂ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାକୁ ନିରନ୍ତର ବିକଶିତ କରିବା। ପରାଧୀନ ମାନସିକତା ବଦଳାଇବା। ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା। ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା। ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ପୃକ୍ତ। ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ।

ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି । ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଭାବେ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ ଏବଂ ଟ୍ରେନିଂ ଉପରେ ମଧ୍ୟ ପଦକ୍ଷେପ ନିଆଯାଇଛି। ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀୟ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ତ୍ୱ ଦିଆଯାଇଛି। ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସଂସ୍କାର ଅଣାଯାଇଛି। ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲ୍ଟି ଏଣ୍ଟ୍ରି ଏକଜିଟ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି। ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତ୍ତିଭୂମି ଯଥା ନ୍ୟାସନାଲ ଲେବଲ ଷ୍ଟୁଡେଣ୍ଟ ରେଜିଷ୍ଟ୍ରି, ଏକାଡ଼େମିକ ବ୍ୟାଙ୍କ ଅଫ କ୍ରେଡିଟ ଆଣ୍ଡ ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଇ-ବିଦ୍ୟା ପାଇଁ ୨୬୦ ଟିଭି ଚ୍ୟାନେଲ। ସ୍କିଲ ଲ୍ୟାବ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡ଼ାଯାଉଛି। ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇଣ୍ଟର୍ଣ୍ଣିପ ଏବଂ ଆପ୍ରେଣ୍ଟିସିପ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି। ପିଏମ ଇବିଦ୍ୟା ପଦକ୍ଷେପ ସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି।

ଶିକ୍ଷାର ଅନ୍ତର୍ଜାତୀୟକରଣକୁ ଗୁରୁତ୍ୱ : ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ। ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ। ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆଇଆଇଟି ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶରେ ନିଜ କ୍ୟାମ୍ପସ ଆରମ୍ଭ କରିବା ପାଇଁ ଯାଉଛନ୍ତି। ଏହାବ୍ୟତୀତ ଭାରତରେ ବୈଦେଶିକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇଛି।

୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

ଅର୍ନ୍ତବାଣୀ

॥ ଅନୀତା ପଟ୍ଟନାୟକ ॥

ମୋ ଭିତରେ ନିଶ୍ଚୟଭାବେ କିଏ ଅଛି ଯେ କି ମୋ ଭିତରେ ଦିନସାରା କିଛିନା କିଛି ଭାବନା ସୃଷ୍ଟି କରି ଗପକରି ଚାଲିଛି। ମୋ ଭିତରେ ନିଶ୍ଚୟ ଭାବରେ ଗୋଟିଏ ଗନ୍ତାଘର ଅଛି, ଯେ କି ମୋର ଚିନ୍ତାଧାରା ଗୁଡ଼ିକୁ ସଜାଡ଼ି ରଖୁଛି। ମୋ ଭିତରେ ନିଶ୍ଚୟ କିଛି ଲିଭାଇବା ଯନ୍ତ୍ର ଅଛି, ଯେ କି ଦରକାର ହେଲେ ମୋର ଖରାପ ଚିନ୍ତାକୁ ସୁନ୍ଦର ଭାବରେ ଲିଭାଇ ଦେଇ ପାରୁଛି। ମୋ ଭିତରେ ନିଶ୍ଚୟ ଭାବରେ ଜଣେ କେହି ଋଷି ପ୍ରତିମ ଜ୍ଞାନୀଗୁଣୀ ବ୍ୟକ୍ତି ଅଛନ୍ତି, ଯେ କି ମତେ ସୁନ୍ଦର ଚିନ୍ତାଧାରା ଦେଉଛନ୍ତି। ମୋ ଭିତରେ ଅଗ୍ନିର ଲେଲିହାନ ଶିକ୍ଷାପରି କିଛି ଅଛି ନେଚତ ମୁଁ ଜନ୍ମରୁ ଆଜି ପର୍ଯ୍ୟନ୍ତ ଯେତେ ଖାଦ୍ୟ ଖାଇ ସାରିଛି ତାହାକୁ ସେ ହଜମ କରି ସାରିଛି ଓ ପୁଣି କ୍ଷୁଧା ସୃଷ୍ଟି କରୁଛି ଓ ଭକ୍ଷଣ କରିବ କହୁଛି। ମୋ ଭିତରେ ନିଶ୍ଚୟ ସୁମଧୁର ସ୍ୱରଥିବା କୌଣସି ଘଣ୍ଟା ଅଛି ନଚେତ କାଳ ବିଷୟରେ ମତେ କିଏ ସଚେତନ କରାଉଛି? ମୋ ଭିତରେ କଣ ଆଗ୍ନେୟଗିରି ଅଛି? ନଚେତ ସାଧାରଣ କଥାରେ ରାଗରେ ଜର୍ଜରିତ ହେଉଛି କିପରି? ମୋ ଭିତରେ କିଛି ଗୋଟେ ଚଳନ୍ତତା ଯନ୍ତ୍ର ଅଛି ନଚେତ ମୋ ଦେହର ରକ୍ତ କଣିକା ଗୁଡ଼ିକ ଆପାଦମସ୍ତକ ଦୌଡ଼ି ପାରୁଛି କିପରି? ନିଶ୍ଚୟ ମୋ ଭିତରେ ପ୍ରଭୁ ରହିଛନ୍ତି ଓ ମତେ ସୁରକ୍ଷା ଦେବା ସହ ଚଳାପଥରେ ସାହାଯ୍ୟ କରୁଛନ୍ତି।

ଏମିତି ଗୁଡ଼ିଏ ଚିନ୍ତା କରୁଥିବା ସମୟରେ ମୁଁ ଗୋଟିଏ ବଗିଚା ନିକଟରେ ପହଞ୍ଚିଲି, ଦେଖିଲି ଭଳି କି ଭଳି ଫୁଲ ଫୁଟିଛି ଭାବିଲି ନିଶ୍ଚୟ ଏ ବଗିଚାରେ କିଏ ଗୋଟିଏ ମାଳି ଅଛି, ନଚେତ ସୁନ୍ଦର ଭାବେ ଘାସ କଟାଯାଇ ମୁଲାୟମ ଚାଦର/ଗାଲିଚା କିଏ ସୃଷ୍ଟି କରିଛି? ଫୁଟିଥିବା ନାଲି ନାଲି ଗୋଲାପ ଗଛକୁ କୁଣ୍ଡରେ ଧାଡ଼ି ଧାନି କରି କିଏ ସାଇତି ରଖିଛି? ଗଛ ସବୁ କଟାଯାଇ ସେଥିରେ ସୁନ୍ଦର ସୁନ୍ଦର ପଶୁ ଓ ପକ୍ଷୀର ଆକୃତି କିଏ କରିଛି? ବିଭିନ୍ନ ରଙ୍ଗର ସୂର୍ଯ୍ୟମୁଖୀ ଫୁଲ

ଦନ୍ତାରୀବଗଡ଼ ଗ୍ରାମରୁ ୪୦ ଲିଟର ରନ୍ଧା ଦେଶୀ ମଦ ସହ ଜଣେ ଗିରଫ

ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ଥାନା ଦନ୍ତାରୀବଗଡ଼ ଗ୍ରାମରେ ରନ୍ଧା ଦେଶୀ ମଦ ବିକ୍ରି ବେଳେ ପୋଲିସ ର ଚଢ଼ାଉ । ୪୦ ଲିଟର ମଦ ସହ ଗ୍ରାମର ଏ. ଶର୍ମା ନାମକ ବ୍ୟକ୍ତି କୁ ଗିରଫ କରିଛି ପୋଲିସ । ଦନ୍ତାରୀବଗଡ଼ ଗ୍ରାମରେ ଦେଶୀ ରନ୍ଧା ମଦ ବିକ୍ରି ନେଇ ଆଜି ସକାଳେ ବିଶେଷ ସୂତ୍ରରୁ ଖବରପାଇ ଆସିକା ଥାନା ଅଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଥାନା ଏସ ଆଇ ଆଲିସ୍ମିତା ଜେନା ଙ୍କ ନେତୃତ୍ୱରେ ଏକ ଟିମ ଗ୍ରାମରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ପୋଲିସ ୪୦ ଲିଟର ଦେଶୀ ରନ୍ଧା ମଦ ସହ ଏ. ଶର୍ମା ନାମକ ବ୍ୟକ୍ତି କୁ ଗିରଫ କରି ଆସିକା ଥାନା କେସ ନମ୍ବର ୨୭୯/୨୫ରେ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତ କୁ ଅପରାହ୍ନ ରେ ସ୍ୱାସ୍ଥ୍ୟବସ୍ଥା ଯା□ ପରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଆସିକା ରେ ନୂତନ ଥାନା ଅଧିକାରୀ ଙ୍କ ଦାୟିତ୍ୱ ଗ୍ରହଣ ପରେ ଅଞ୍ଚଳରେ ଚୋରା ମଦ ବିକ୍ରି ଉପରେ ରୋକ ଲଗାଇବା ଲାଗି ନିଆଯାଉଛି ପଦକ୍ଷେପ କ୍ଷ

ମାଫିଆଙ୍କ ଦବଙ୍ଗଗିରି : ଖସାଇ ନେଇ ଗଲେ ବାଲି ବୋଝେଇ ଟ୍ରାକ୍ଟର

କପ୍ତିପଦା -(ମହାଭାରତ): କପ୍ତିପଦା - କପ୍ତିପଦାରେ ମାଫିଆ ରାଜୟ ପୁଣି ମାଫିଆ ପ୍ରଶାସନ ହାତରୁ ଖସାଇ ନେଲେ ବାଲି ଟ୍ରାକ୍ଟର। ବାଇକରେ ଆସି ବେଆଇନ ବାଲିଘାଟ ଭିତରେ ପଶିଲେ ଆଉ ବାଲି ଗାଡି ଜବତ କରିଲେ। ଅତିରିକ୍ତ ତହସିଲଦାରଙ୍କୁ ଦେଖି ମାଫିଆ ଛାନିଆ। ୩ ଗୋଟି ଟ୍ରାକ୍ଟରରୁ ଗୋଟିଏ ଟ୍ରାକ୍ଟର ଇଂଜିନ ନେଇ ମାଫିଆ ଫେରାର ହୋଇଯାଇଥିବା ବେଳେ ଆଉ ୨ ଗୋଟି ଟ୍ରାକ୍ଟର ଛାଡି ଖସିଗଲେ ମାଫିଆ। ଏଭଳି ଘଟଣା ଘଟିଛି କପ୍ତିପଦା ତହସିଲ ଶୃଙ୍ଖଳ ଗ୍ରାମରେ।ଶୃଙ୍ଖଳ ଗ୍ରାମ ନିକଟରେ ପ୍ରବାହିତ ସୋନ ନଦୀରେ ବେଆଇନ ବାଲି ଉତ୍ତୋଳନ ହେଉଥିବା ଖବର ପାଇ କପ୍ତିପଦା ଅତିରିକ୍ତ ତହସିଲଦାର ଘାଟରେ ଚଢ଼ାଉ କରିଥିଲେ। ବେଆଇନ ଭାବେ ୩ ଗୋଟି ଟ୍ରାକ୍ଟରରେ ବେଆଇନ ବାଲି ଲୋଡ଼ ଚାଲିଥିବା ବେଳେ ଅଧିକାରୀଙ୍କୁ ଦେଖି ମାଫିଆମାନେ ଟ୍ରାକ୍ଟର ଖସାଇ ନେବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଗୋଟିଏ ଟ୍ରାକ୍ଟର ଓଲଟି ଯିବାରୁ ତାର ଡାଲାକୁ ଛାଡି ଇଂଜିନ ନେଇ ମାଫିଆ ଫେରାର ହୋଇଥିବା ବେଳେ ଆଉ ଏକ ଟ୍ରାକ୍ଟର ଖସାଇ ନେବା ବେଳେ ବାଲିରେ ଫସି ଯାଇଥିଲା। ଯାହା ଫଳରେ ମାଫିଆମାନେ ଟ୍ରାକ୍ଟର ଛାଡି ଫେରାର ହୋଇଯାଇଥିଲେ। ୧୫ ରୁ ଅଧିକ ମାଫିଆ ଖସି ଯିବା ସହ ଗୋଟିଏ ଟ୍ରାକ୍ଟର ଖସାଇ ନେଇଥିଲେ। ତହସିଲ ପ୍ରଶାସନ ୨ ଗୋଟି ଟ୍ରାକ୍ଟର ଏବଂ ଗୋଟିଏ ଡାଲା ଜବତ କରିଛି। ଏହି ଘାଟରୁ ପ୍ରତିଦିନ ବେଆଇନ ଭାବେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହୁଏ। ଜବତ ଟ୍ରାକ୍ଟର ଗୁଡିକ ନମ୍ବର ବିହୀନ।

ଯୁବତୀ ଙ୍କୁ ପ୍ରତାରଣା ଅଭିଯୋଗ ରେ ବରଗାଁ ଗ୍ରାମର ଯୁବକ ଗିରଫ

ଆସିକା (ମହାଭାରତ): ଯୁବତୀ କୁ ବିବାହ ପ୍ରତିଶୃତି ଦେଇ ପ୍ରଥମେ ଶାରୀରିକ ସମ୍ପର୍କ ପରେ ପ୍ରତାରଣା ଦେଇ ଅନ୍ୟତ୍ର ବିବାହ ପାଇଁ ଯୋଜନା କରୁଥିବା ଯୁବକ ଙ୍କ ପାଇଁ ପଡିଲା ମହଙ୍ଗା । ଯୁବତୀ ଙ୍କ ଅଭିଯୋଗ ଆଧାର ରେ ବନ୍ଧାହେଲେ ଯୁବକ । ଏମିତି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା କୋଟିନଡା ଥାନା ଅଞ୍ଚଳରେ । ଯୁବତୀ ଙ୍କ ଅଭିଯୋଗ ଆଧାର ରେ ବରଗାଁ ଗ୍ରାମର ଅନିଲ ଦାସ ନାମକ ଯୁବକ କୁ ଗିରଫ କରିଛି ପୋଲିସ। ସୂଚନା ଅନୁସାରେ ଅନିଲ ଜଣେ ଛଦ୍ମନାମୀ ଯୁବତୀ କୁ ପ୍ରଥମେ ବିବାହ ପ୍ରତିଶୃତି ଦେଇ ଶାରୀରିକ ସମ୍ପର୍କୀୟ ରଖିଥିଲେ । ପାଞ୍ଚବର୍ଷ ଧରି ଉଭୟ ଙ୍କ ମଧ୍ୟରେ ସମ୍ପର୍କ ରହିବା ପରେ ବିଭିନ୍ନ ପ୍ରକାର ଆଳଦେଖାଇ ଯୁବତୀ କୁ ପ୍ରତାରଣା ଦେବା ସହ ଅନ୍ୟତ୍ର ବିବାହ ପାଇଁ ଅନିଲ ଯୋଜନା କରିଥିବା ବେଳେ ଖବରପାଇ ଯୁବତୀ ନ୍ୟାୟ ଦାବିରେ କୋଟିନଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ପୋଲିସ ଅଭିଯୋଗ କୁ ଆଧାରକରୀ ଥାନା କେସ ନଂ ୧୧୪ / ୨୫ ରେ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ଅନିଲ କୁ ଗିରଫ କରିଛି । ଆଜି ଅଭିଯୁକ୍ତ କୁ ମେଡ଼ିକାଲରେ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପରେ ଅପରାହ୍ନ ରେ ଆସିକା କୋର୍ଟ ରେ ହଜାର କରାଯାଇଥିବା ସୂଚନା ମିଳିଛି ।

ଦୁଇ ବାଇକି ସାମ୍ନା ସାମ୍ନୀ ଧକା:ଜଣେ ଶିକ୍ଷୟତ୍ରୀ ଙ୍କ ସହ ଶିକ୍ଷକ ଗୁରୁତର ଆହତ

ନାରାୟଣପାଟଣା ଥାନା ଅନ୍ତର୍ଗତ ପିପଳପଦର ଗ୍ରାମ ପାଖରେ ରାସ୍ତାରେ ଦୁଇ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବା ଫଳରେ ଜଣେ ଶିକ୍ଷକ ଙ୍କ ସହ ଶିକ୍ଷୟତ୍ରୀ ଗୁରୁତର ଆହତ ହୋଇଛନ୍ତି । ରାସ୍ତାରେ ଯାତାୟାତ କରୁଥିବା ଲୋକେ ଓ ସ୍କୁଲ ସାରି ଫେରୁଥିବା ଶିକ୍ଷକ ଙ୍କ ସହଯୋଗ କ୍ରମେ ଆହତ ଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଅଣାଯାଇଥିଲାଯତାକ୍ତର ପ୍ରାଥମିକ ଚିକିତ୍ସା ପରେ ଶିକ୍ଷକୟ ଧନୁଞ୍ଜୟ ମହାନ୍ତି ଓ ଶିକ୍ଷୟତ୍ରୀ ସସ୍ମିତା ସାହୁ ଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଯାଇଛି ।ଅନ୍ୟପଟେ ଅନ୍ୟ ଦୁଇଜଣ ବାଇକ୍ ଆରୋହୀ ନାରାୟଣ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସିତ ହେଉଥିବା ଜଣାପଡିଛି ।ସୂଚନା ମୁତାବକ ସବୁଦିନ ପରି ଆଜି ମଧ୍ୟ କୁମୁଡ଼ାଶିଲ ସ୍କୁଲ ର ଶିକ୍ଷକ ଧନୁଞ୍ଜୟ ମହାନ୍ତି ଦିନ ୧୧ ଟା ସମୟରେ ସ୍କୁଲ ସାରି ଫେରୁଥିବା ବାଟରେ କନକା ସ୍କୁଲ ର ଶିକ୍ଷୟତ୍ରୀ ସସ୍ମିତା ସାହୁ ଏକ ମୋଟର ସାଇକେଲ ଯୋଗେ ନାରାୟଣପାଟଣା ଘରକୁ ଫେରୁଥିଲେ ।ପିପଳପଦର ଗ୍ରାମ ପାଖରେ ଅପର ପଟୁ ଡୁମୁରିପୁଟ ପଞ୍ଚାୟତ ମୋହନପଦା ଗ୍ରାମର ଦମଦାର ହନ୍ତାଲ ଏବଂ ତୁଳରାମ ଗଉଡ ନାମକ ଦୁଇଜଣ ବେକ୍ତି ବନ୍ଧୁଗାଁ ଷ୍ଟିଡ଼ ଅଗ୍ନିଗାଙ୍ଗାମା ମନ୍ଦିର ଦର୍ଶନ କରି ଘରକୁ ଫେରୁଥିଲେ କିନ୍ତୁ ସେମାନଙ୍କ ମଟର ଗାଡି ର ବେଗ ଅଧିକ ଥିବାରୁ ନିୟନ୍ତ୍ରଣ କରି ନପାରେ ଶିକ୍ଷକ ଗାଡ଼ିର ସାମ୍ନା ପଟୁ ଧକା ଦେଇ ଥିବା ବେଳେ ଶିକ୍ଷକ ଛିଟିକି ପଡ଼ିଥିଲେ। ଶିକ୍ଷକ ମହାନ୍ତି ଙ୍କ ଅଣ୍ଟା ହାଡ଼ ଖସିପଡ଼ିଥିବା ସହ ଡାହାଣ ପଟ ଆଖିରେ ଘଭିର ଆଘାତ ଲାଗିଥିଲା ତାହସହ ପଛରେ ବସିଥିବା ଶିକ୍ଷୟତ୍ରୀ ।ସାହୁ ଙ୍କ ଡାହାଣ ହାତ ରେ ମଧ୍ୟ ଗଭୀର ଆଘାତ ଲାଗିଥିଲା ଦୁଇ ଜନକୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନାରାୟଣପାଟଣା ମେଡିକାଲକୁ ଅଣାଯାଇଥିବା ବେଳେ ସେଠାରେ ଉପସ୍ଥିତ ଡାକ୍ତର ଦୁଇ ଜଣକ ସ୍ୱାସ୍ଥ୍ୟ ବସ୍ଥା ଗୁରୁତର ଦର୍ଶାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି । ନାରାୟଣପାଟଣା ବ୍ଲକ ରି କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟତ୍ରୀ ସଡ଼କ ଦୃଘଟନା ଖବର ପାଇ ନାରାୟଣପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଶିକ୍ଷକ ସଂଘର ସମସ୍ତ କର୍ମକର୍ସତ୍ତା। ସିଆରସିସି , ଶିକ୍ଷକ,ଶିକ୍ଷୟତ୍ରୀ ପହଞ୍ଚି ଆସୁ ଆରୋଗ୍ୟ କାମନା କରିଛନ୍ତି ।ଖବର ପାଇ ନାରାୟଣପାଟଣା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇଗୋଟି ମୋଟର ସାଇକେଲ ଜବତ କରିଛ।

ନୟାଗଡ଼ ରେ ହିତାଧିକାରୀ ଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ବଣ୍ଟନ ହେଲା ଆୟୁଷ୍ମାନ କାର୍ଡ

ନୟାଗଡ଼, (ମହାଭାରତ): ରାଜ୍ୟ ରେ ଆଜି ଶୁଭାରମ୍ଭ ସହ ଶୁଭ ଉଦଘାଟନ ହୋଇଛି ଆୟୁଷ୍ମାନ କାର୍ଡ। କଟକ ବାଲିଯାତ୍ରା ପଡ଼ିଆ ଠାରେ କେନ୍ଦ୍ର ସ୍ୱାସ୍ଥ୍ୟ ଜେପି ନଡ୍ଡା ଓ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ନେତୃତ୍ୱରେ ଆଜି ଆରମ୍ଭ ହୋଇଛି ଆୟୁଷ୍ମାନ କାର୍ଡ। ସେହିପରି ନୟାଗଡ଼ ଜିଲ୍ଲାରେ ରାଜ୍ୟ ର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଙ୍କ ଦ୍ୱାରା ହିତାଧିକାରୀ ଙ୍କୁ ବ□ନ ହୋଇଛି ଆୟୁଷ୍ମାନ କାର୍ଡର୍ୟ ନୟାଗଡ଼ ଜିଲ୍ଲାରେ ସାତ ରୁ ପନ୍ଦର ଦିନ ମଧ୍ୟରେ ସମସ୍ତ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ମିଳିବ ଆୟୁଷ୍ମାନ କାର୍ଡ। ଆଜି ଏହାର ହୋଇଛି ଶୁଭାରମ୍ଭ ସହ ଶୁଭ ଉଦଘାଟନ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ଼ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପକ୍ଷରୁ ମେଳା କରି ସୂଚନା ଦିଆଯାଇଛି। ଏଥିସହ କିଛି ହିତାଧୀକାରୀ ଙ୍କୁ ଆଜି ମଧ୍ୟ ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଇଛି। ଆୟୁଷ୍ମାନ କାର୍ଡ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦଲାଲ ମୁକ୍ତ କରିବ ବୋଲି ରାଜସ୍ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଇଟାମାଟି ବାମନ ଅବକାଶ ହାଇସ୍କୁଲ ଠାରେ ଆୟୋଜିତ ମେଳାରେ ଯୋଗ ଦେଇ କହିଛନ୍ତି। ନୟାଗଡ଼ ଜିଲ୍ଲାରେ ୫ ଲକ୍ଷ ୯ ଶହ ୯୪ ଜଣ ହିତାଧୀକାରୀଙ୍କୁ ଆୟୁଷ୍ମାନ କାର୍ଡର୍ୟ ଦେବା ପାଇଁ ଟାର୍ଗେଟ ଥିବା ବେଳେ ୪ ଲକ୍ଷ ୬୭ ହଜାର ୫ ଶହ ୮ ଜଣଙ୍କ କାର୍ଡ ପ୍ରସ୍ତୁତ ସରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଖୁବ୍ ଶୀଘ୍ର ସମସ୍ତ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ଘରେ ଆୟୁଷ୍ମାନ କାର୍ଡ ପହଞ୍ଚିବ ବୋଲି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ବିପଦରେ ଗୋ ସମ୍ପଦ ଦିନ ଦ୍ୱିପହରରେ ଗାଈ ଗୋରୁ ଚୋରା ଚାଲାଣ

ଧର୍ମଗଡ଼,, ମହାଭାରତ,, ଦିନ ଦ୍ୱିପହରରେ ଚାଲିଛି ବେଧଡକ ଗୋ ଚୋରା ଚାଲାଣ ଗାଈ ଗୋରୁ ଗୁଡ଼ିକ ଅତି କଦଜ୍ୟ ଭାବରେ ଧର୍ମଗଡ଼ ଠାରୁ ଆମପାନି କୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ୱେ ରାସ୍ତା ଉପରେ ସହ ସହ ଗାଈ ଗୋରୁ ଙ୍କୁ ଦଲାଲ୍ ମାନେ ଚଳାଇ ଚଳାଇ ନେଉଛନ୍ତି ଗୋରୁ ଦଲାଲ୍ ମାନେ ।ଏହି ରଜ ପଥ ଦେଇ ପଡୋଶୀ ଜିଲ୍ଲା ନବରଙ୍ଗପୁର ଏବଂ କୋରାପୁଟ କୁ ନେଉଛନ୍ତି ।ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଧର୍ମଗଡ଼ ଠାରୁ ଆମପାନି ବିଜୁ ଏକ୍ସପ୍ରେସ ୱେ ରାସ୍ତା ପାୟ ୪୦ କିଲୋମିଟର ରେ ଥିବା ବେଳେ ଏହି ମଧ୍ୟରେ ରହିଛି। ଗୋତମମୁଣ୍ଡା ଫାଣ୍ଡି ଓ ଆମପାନି ପୋଲିସ ଥାନା ହେଲେ ଗୋରୁ ଦଲାଲ ମାନେ ଏହି ରାସ୍ତା କୁ ଅବରୋଧ କରି ହଜାର ହଜାର ଗୋରୁ ଗାଈ ଗୁଡ଼ିକ ଚଳାଇ ଚଳାଇ ନେଉଥିଲେ ମଧ୍ୟ ନଦେଖିଲା ଭଳି ରହୁଛି ପୋଲିସ ପ୍ରଶାସନ ହେଲେ ଏଇଠୀ ବଡ ପ୍ରଶ୍ନବାଚି ସୃଷ୍ଟି ହେଉଛି ଜେ ଗାଈ ଗୋରୁ ଚୋରା ଚାଲାଣ ଦିଗରେ କୌଣସି ନେତା ମନ୍ତ୍ରୀ ଙ୍କ ହାତ ଅଛିକି କିମ୍ବା ଗୋରୁ ଦଲାଲ୍ ମାନଙ୍କ ସହିତ ପୋଲିସ ପ୍ରଶାସନ ର ସଲାସୁତରା ଚଳିଚିକିଯେ ଯେଉଁଠି ପାଇଁ କି ଗୋରୁ ଦଲାଲ୍ ମାନେ କାହାକୁ ଖାତିର ନ କରି ଦିନଦ୍ୱିପହରରେ

ରେ ବିଜୁ ଏକ୍ସପ୍ରେସ ୱେ ରାସ୍ତା ଉପରେ କରୁଛନ୍ତି ଗୋ ଚାଲାନ ଏଭଳି ପୋଲିସ ପ୍ରଶାସନ ର କାର୍ଯ୍ୟକୁ ଦେଖି ବୁଦ୍ଧିଜିବି ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଉଦଳା ବ୍ଲକ ରେ ଶୁଭକ୍ଷରମ୍ଭ ହେଲା ଆୟୁଷ୍ମାନ ଯୋଜନା

ଉଦଳା, (ମହାଭାରତ): ରାଜ୍ୟରେ ଆଜିଠୁ ଆୟୁଷ୍ମାନ ଯୋଜନା ଶୁଭାରମ୍ଭ ହୋଇଥିବା ବେଳେ କଟକ ର ବାଲିଯାତ୍ରା ପଡିଆ ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଅନୁଷ୍ଠାନିକ ଭାବେ ଲୋକାର୍ପିତ କରିଛନ୍ତି । ଓଡିଶାର ୩ କୋଟି ୫୦ଲକ୍ଷ ଲୋକ ଏହି ଯୋଜନାରେ ସାମିଲ ହେବା ସହ ରାଜ୍ୟ ଓ ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ଲୋକଙ୍କୁ ମାଗଣାରେ ଉତ୍ତତମାନର ଚିକିତ୍ସା ସେବା ମିଳିପାରିବ । ଦେଶର ୨୯ହଜାର ହସ୍ପିଟାଲରେ ଏହି ସେବା ଉପଲବ୍ଧ ହେବ । ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ଓ ତଦୂର୍ଦ୍ଧ ବୟୋଜେଷ୍ଠ ନାଗରିକମାନଙ୍କୁ ବିନା କୌଣସି ମାନଦଣ୍ଡରେ ଏହି ସେବା ଯୋଗାଇ ଦିଆଯିବ । ତେବେ ଆଜି ଏହି ଅବସର ରେ ଉଦଳା ବ୍ଲକ ରେ ଶ୍ରୀଦାମ ଚନ୍ଦ୍ର ପୁର ହସ୍ପିଟାଲ ପରିସର ରେ ମଧ୍ୟ ଏହି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଛନ୍ତି ଉଦଳା ବିଧାୟକ ଭାସ୍କର ମଡେଇ ଏବଂ ଉଦଳା ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା କ୍ଷ କପ୍ତିପଦା ଉପଖଣ୍ଡ ର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଉଦଳା ବ୍ଲକ ଗୋଷ୍ଠୀଉତ୍ତୟନ ଅଧିକାରୀ ସମରଜିତ କର ମଧ୍ୟ ଉପସ୍ଥିତ ଥିଲେ । ଉଦଳା ବ୍ଲକ ର ରାଜୋ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ବଡ଼ ସିଙ୍ଗଷରିଆ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ରେ ଏହି କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଯାଇଛି ।ଆୟୁଷ୍ମାନ ଯୋଜନାରେ ପରିବାର ପିଛା ଗୋଟିଏ କାର୍ଡ ଦିଆ ନ ଯାଇ ବ୍ୟକ୍ତିଗତ ଭାବେ ସମସ୍ତଙ୍କୁ କାର୍ଡ ପ୍ରଦାନ କରାଯିବ ବୋଲି ବିଧାୟକ ଭାସ୍କର ମଡେଇ ସୂଚନା ଦେଇଥିଲେ । ତେବେ

ଏହି ଯୋଜନା ରେ କପ୍ତିପଦା ଉପଖଣ୍ଡ ତଥା ଉଦଳା ବ୍ଲକ ରେ ଯେମିତି କେହିବି ହିତାଧିକାରୀ ଏହି ସ୍ୱାସ୍ଥ୍ୟ ସେବା ରୁ ବାଦ ନପଡିବେ ସେଇଥି ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ସହଜଗ କରାଯିବ ବୋଲି ବିଧାୟକ କହିଛନ୍ତି । କାର୍ଯ୍ୟକ୍ରମ ଶେଷରେ ବ୍ଲକ ର ପ୍ରତି ପଞ୍ଚାୟତ ର କିଛି ହିତାଧିକାରୀ ଙ୍କୁ ତେମୋ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ ଉପସ୍ଥିତ ଅତିଥିମାନେ । କାର୍ଯ୍ୟକ୍ରମ ପରିଚାଳନା ପାଇଁ ଉଦଳା ବ୍ଲକ ର ଅଧିକାରୀ ମାନେ ଉପସ୍ଥିତ ରହି ଏହି ଜନ କଲ୍ୟାଣୀ କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ ।

ଓଟୋ ସହ ବାଇକ୍ ଦୁର୍ଘଟଣା ଜଣେ ମୃତ,ଜଣେ ଗୁରୁତର

ନାରାୟଣପାଟଣା,(ମହାଭାରତ): ଆଜି ଅପରାହ୍ନ ୪ଟାରେ ନାରାୟଣପାଟଣା ପଞ୍ଚାୟତ ଓଡ଼ିଆପେଣ୍ଠ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଓଟୋ ସହ ମଟରସାଇକେଲ ମୁହାଁମୁହିଁ ଧକ୍କାରେ ଜଣ ର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି ।ଏଭଳି ହୃଦୟବିଦାରକ ଘଟଣା ଘଟିଛି ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ଓଡ଼ିଆପେଣ୍ଠ ଗ୍ରାମ ନିକଟରେ । ମୃତ ଜଣକ ଟିକିରି ଅଂଚଳର ମାଣ୍ଡିଙ୍ଗି ଟୁନା(୨୬)।ସେ ଓଡିଆପେଣ୍ଠ ସ୍ଥିତ ଶଶୁର ଘର କୁ ଚଇତି ପର୍ବ ପାଇଁ ଆସିଥିଲେ ନିଜ ମୋଟରସାଇକେଲ (ଓ ଆର୍ ୦୭ ଡବ୍ଲୁ୩୭୨୮)ରେ।କୁଡିଆରୁ ରାସ୍ତା କୁ ବାହାରୁଥିବା ବେଳେ ରାସ୍ତାର ଦୁଇ ପାର୍ଶ୍ୱ ରୁ ଦୁଇଟି ପାସେଞ୍ଜର ଓଟୋ ମଝିରେ ମୋଟରସାଇକେଲ ଦ୍ରୁତ ଗତିରେ ନେଇ ଧକ୍କା ଦେଇଥିଲେ।

ନୟାଗଡ଼ ର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଛେନାପୋଡ଼ ଦିବସ ପାଳନ

ନୟାଗଡ଼, (ମହାଭାରତ) : ଏପ୍ରିଲ୍ ୧୧ ତାରିଖ ବିଶ୍ୱ ଛେନା ପୋଡ଼ ଦିବସ। ରାଜ୍ୟ ଏବଂ ରାଜ୍ୟ ବାହାରେ ମଧ୍ୟ ଏହି ଦିନ କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଇଥିଲା। ନୟାଗଡ ଜିଲ୍ଲାରେ ମଧ୍ୟ ବିଭିନ୍ନ ସ୍ଥାନରେ ଛେନାପୋଡ଼ କାଟି ଦିବସକୁ ଧୂମଧମ୍ ରେ ପାଳନ କରାଯାଇଥିଲା। ନୟାଗଡର ଛେନା ପୋଡ଼ ବିଶ୍ୱରେ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ସ୍ୱାଦିଷ୍ଟ ଛେନା ପୋଡ଼ ଯିଏ ଥରେ ଖାଇଛି ସିଏ ଆଉଥରେ ଖାଇବାକୁ ମନ ବଳାଇଛି ନିଶ୍ଚୟ। ଛେନା ପୋଡ଼ର ସ୍ରଷ୍ଟା ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଜନ୍ମ ଜୟନ୍ତୀ ଏପ୍ରିଲ୍ ୧୧ ତାରିଖ କୁ ବିଶ୍ୱ ଛେନା ପୋଡ଼ ଦିବସ ଭାବେ ପାଳନ କରିଛନ୍ତି। ରାଜ୍ୟ ଏବଂ ରାଜ୍ୟ ବାହାରେ ମଧ୍ୟ ଆଜି ଦିନ କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଛେନା ପୋଡ଼ ଦିବସ ଭାବେ ପାଳନ କରାଯାଇଛି। ପଲ୍ଲୀ ରୁ ଦିଲ୍ଲୀ ସବୁଠି ଏହି ଛେନା ପୋଡ଼ କୁ ନେଇ ଚର୍ଚ୍ଚାୟ ଏହି ସୁଆଦିଆ ସ୍ୱାଦିଷ୍ଟ ଖାଦ୍ୟ ଛେନା ପୋଡ଼ କୁ କାଟି ରାଜ୍ୟ ବାହାରେ ମଧ୍ୟ ଛେନା ପୋଡ଼ ଦିବସ ପାଳନ କରାଯାଇଛି। ଛେନା ପୋଡ଼ର ଏତ୍ତୁଡି ଶାଳ ନୟାଗଡ। ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ୍ୟ ଛେନାପୋଡ଼ ଦିବସକୁ ଧୂମଧମ୍ ରେ ପାଳନ କରାଯାଉଛି। ନୟାଗଡର ଛେନା ପୋଡ଼ ବିଶ୍ୱରେ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ସ୍ୱାଦିଷ୍ଟ ଛେନା ପୋଡ଼ ଯିଏ ଥରେ ଖାଇଛି ସିଏ ଆଉଥରେ ଖାଇବାକୁ ମନ ବଳାଇଛି ନିଶ୍ଚୟ। ଛେନା ପୋଡ଼ର ସ୍ରଷ୍

ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା

ଟ୍ରକ ଚୋରି ଅଭିଯୋଗରେ ଆନ୍ତରାଜ୍ୟ ଚୋର ଗିରଫ,ଟ୍ରକ ଜବତ

ଯୋଡା,(ମହାଭାରତ) ଯୋଡା ଥାନା ଅନ୍ତର୍ଗତ ବିଲେଇପଦା ଫାଣ୍ଡି ଅଧୀନସ୍ତ ବିଲେଇପଦା ଏକ ପେଟ୍ରୋଲ ପମ୍ପ ନିକଟରୁ ଏକ ସିଜି-୦୪ଏମଜି-୫୬୩୧ ଟ୍ରକ ଚୋରି ହୋଇଯାଇଥିଲା । ଟ୍ରକର ମାଲିକ ସନ୍ତୋଷ ବାରିକ ଏସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବହୁ ଖୋଜା ଖୋଜି ପରେ ମଧ୍ୟ ଟ୍ରକଟି ମିଳିନଥିଲା। ପରବର୍ତ୍ତୀ ସମୟରେ ଝାଡଖଣ୍ଡ ରାଜ୍ୟ ରାମଗଡ ଟୋଲଗେଟ ନିକଟରେ ଏହି ଟ୍ରକଟି ଥିବା ଖବର ମିଳିବା ପରେ ପୋଲିସ ଟ୍ରକଟିକୁ ଠାବ କରି ଜବତ କରିବାରେ ସକ୍ଷମ ହୋଇଥିଲା ।ଏହି ଟ୍ରକଟିକୁ ଚୋରି କରି ନେଇ ଯାଉଥିବା ଅଭିଯୋଗରେ ପଞ୍ଜାବ ରାଜ୍ୟ ଅମୃତସରର ହରବିନ୍ଦର ସିମହ (୪୭)ଙ୍କୁ ପୋଲିସ ଗିରଫ କରିଥିଲା । ସୂଚନା ଯୋଗ୍ୟ ଯେ,ଏହି ଟ୍ରକ ଚୋରି କରିଥିବା ହରବିନ୍ଦର ସିଂହ ମାନି ନେଇଛି ଯେ ଟ୍ରକଟିକୁ ସେ ଚୋରି କରି ନେଇଥିଲା । ଏବଂ ରୀତିମତ ଭାବେ ଏହି ଅ□ଳରୁ ଚୋରା ଟ୍ରକ କାରବାର ଏକ ଆନ୍ତରାଜ୍ୟ ଗ୍ୟାଙ୍ଗ ଦ୍ୱାରା କରାଯାଉଛି ବୋଲି ସେ ପୋଲିସକୁ ସୂଚନା ଦେଇଥିଲେ । ତେଣେ ସୁନ୍ଦରଗଡ ଜିଲ୍ଲା କୋଇଡା, ବଣେଇ ସହ କେନ୍ଦୁଝର ଜିଲ୍ଲାର ଗୁଆଲୀ, ରୁଗୁଡି, ଭଦ୍ରାସାହି, ବଡବିଲ, ଯୋଡା, ବିଲେଇପଦା, ନାରଦପୁର, ଚମ୍ପୁଆ ପ୍ରଭୃତି ଅଞ୍ଚଳରେ ଟ୍ରକ ଚୋରି ହେବା ଘଟଣା ଘଟୁଛି । ଏହାକୁ ଆଧାର କରି ପୋଲିସ ହରବିନ୍ଦର ସିଂହଙ୍କୁ ପଚରାଉଚୁରା ପରେ କେସ ନଂ ୮୪/୨୫ ରୁଜୁ ରି କୋର୍ଟ ଚାଲାଣ କରି ଅଧିକ ତଦନ୍ତ କରୁଛି ।

ସୋସିଆଲ ମିଡ଼ିଆ ସଚେତନତା କାର୍ଯ୍ୟକ୍ରମ

ଯୋଡ଼ା,(ମହାଭାରତ) ଯୋଡ଼ା ପୌରପାଳିକା ଅନ୍ତର୍ଗତ ଯୋଡ଼ା ମହିଳା ମହବିଦ୍ୟାଳୟରେ ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ସାମାଜିକ ଗଣମାଧ୍ୟମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ସାମାଜିକ ଗଣମାଧ୍ୟମର ଉପକାରିତା ଓ ସଦ ବ୍ୟବହାର ଉପରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱ ସମ୍ବାଦ କେନ୍ଦ୍ର ସହ ପ୍ରମୁଖ ରମାକାନ୍ତ ମହାନ୍ତ, ଅଭିମନ୍ୟୁ ଓରାମ, ସାମାଜିକ ଗଣମାଧ୍ୟମ ଟୋଲି ସଦସ୍ୟ, ଯୋଡ଼ା ନଗର ସଂଯୋଜକ ଅଜୟ ଦାସ,ଯୁବ ସଦସ୍ୟ ତାରିଣୀ ପ୍ରଧାନ ଉପସ୍ଥିତ ରହି ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ କଲେଜର ଶତାଧିକ ଛାତ୍ରୀ ଉପସ୍ଥିତ ରହିଥିଲେ।

କୁଲାଡ଼ ରେ ୨୭ତମ ମା ମଙ୍ଗଳା ମହୋତ୍ସବ ପାଳିତ,ଯୋଗ ଦେଲେ ବିଧାୟକ

ଅନୁଗୋଳ,(ମହାଭାରତ): ବଅଂରପାଳ ବ୍ଲକ କୁଲାଡ଼ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କର ୨୭ତମ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।ଏଥିରେ ମା ଙ୍କର ରୀତିନୀତି ଅନୁସାରେ ପୂଜା ପାଠ କରାଯାଇ ମାଙ୍କ ଆଲମ ବାଜାବାଣ, ଘଣ୍ଟ ନୃତ୍ୟ. ଲଉଡ଼ି, ସାଉଣ୍ଡ ଲଗେଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏହା କୁଲାଡ଼ ଗ୍ରାମର ସମସ୍ତ ଯୁବ ବର୍ଗ ଙ୍କୁ ନେଇକି ଆୟୋଜନ କରାଯାଇଥାଏ।ବହୁ ଦୂର ଦୁରାନ୍ତରୁ ଭକ୍ତ ଆସି ମା ଙ୍କର ଆଶୀର୍ବାଦ ଭିକ୍ଷା ଲାଭ କରିଥାନ୍ତି।ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି ତରଫରୁ ନାଟ୍ୟ ପରିବେଷଣ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ ତାଳଚେର ବିଧାୟକ ଶ୍ରୀ ବ୍ରଜକିଶୋର ପ୍ରଧାନ ଉପସ୍ଥିତ ଥିବା ବେଳେ ଅନୁଗୋଳର ପୂର୍ବତନ ମନ୍ତ୍ରୀ ବିଧାୟକ ଶ୍ରୀ ରଜନୀକାନ୍ତ ସିଂ, ବିଶିଷ୍ଟ ସମାଜସେବି ଶ୍ରୀ ମହେଶ ଧଳ, ଠିକାଦାର ସଙ୍ଘର ସଭାପତି ବିପ୍ଳବ ଜେନା, ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଶ୍ରୀ ଅଭିନାଶ ସାମଲ ଙ୍କ ପ୍ରତିନିଧି ଶ୍ରୀ ବିନୋଦ ସାହୁ, ଟ୍ରକ ମାଲିକ ସଙ୍ଘ ସଭାପତି ମନୋରଞ୍ଜନ ଜେନା, ସାଧାରଣ ସମ୍ପାଦକ ରାଜୀବ ଜେନା, ବରିଷ୍ଠ ସମାଜ ସେବିକା ଶ୍ରୀମତୀ ପଦ୍ମାଖୀ ସିଂ, ସରପ□ ଉଷାରାଣି ସ୍ୱାଇଁ, ସମିତି ସଭ୍ୟା ପ୍ରିୟମ୍ବଦା ଧୀର, ଗ୍ରାମ କମିଟି ସଭାପତି ଅଶୋକ ବିଶୋଇ, ଅନୁଷ୍ଠାନ ସଭାପତି ପ୍ରକାଶ ବେହେରା, ସମ୍ପାଦକ ଗୁରୁଚରଣ ସେଠ ଥିଲେ, ଅନୁଷ୍ଠାନ କାର୍ଯ୍ୟକର୍ତା ଙ୍କ ତରଫରୁ ପ୍ରଥମେ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରା ଯାଇଥିଲା ଏବଂ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା, ଅନୁଷ୍ଠାନର ସଭାପତି ଶ୍ରୀ ପ୍ରକାଶ ବେହେରା ମଞ୍ଚ ପରିଚାଳନା କରିଥିଲା ବେଳେ ଅନୁଷ୍ଠାନ କାର୍ଯ୍ୟକର୍ତା ନଗେନ ସାହୁ, ସୁଶାନ୍ତ ସାହୁ, ପିଣ୍ଟୁ ମହାପାତ୍ର, ବିଜୟ ସେଠ, ଟୁନା ଜେନା, ମାନସ ମହାପାତ୍ର, ପୁର୍ଣ୍ଣ ସାହୁ, ନରୋତ୍ତମ ଜେନା, ପ୍ରଫୁଲ ସେଠ, ସମ୍ରାଟ ଜେନା, ସିପୁନ ସେଠ, ରିଙ୍କୁନ ଜେନା ସାହାଯ୍ୟ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ପୂଜକ ଶ୍ରୀ ଚନ୍ଦ୍ରମଣୀ ମହାପାତ୍ର ମାଙ୍କର ମନ୍ତ୍ର ପାଠ କରି ହରି ବୋଲ ହୁଳହୁଳି ଦେଇ ସଭା ସାଙ୍ଗ ହୋଇଥିଲା ।

ଜାଲ ଜାତିଗତ ପ୍ରମାଣପତ୍ର ପଡିଲା ମହଙ୍ଗା

ଅନୁଗୁଳ,(ମହାଭାରତ):ସରକାରଙ୍କ ବିଭିନ୍ନ ବିଭାଗରେ ଜାଲ ଜାତିଗତ ପ୍ରମାଣପତ୍ରରେ ସରକାରୀ ଚାକିରି କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଯାଉଛି।ଏପରିସ୍ଥଳେ ଅନୁଗୁଳ ଜିଲ୍ଲା ରେଙ୍ଗାଳି ଓଏଚପିସିର ମାନବ ସମ୍ବଳ ଅଧିକାରିଣୀ ନୀଳିମା ଦେବନାଥଙ୍କ ଜାଲ ଜାତି ପ୍ରମାଣପତ୍ର ଦେଇ ଚାକିରି କରି ଧରା ପଡିଛନ୍ତି । ସେ ତାଙ୍କ ଚାକିରି ଆରମ୍ଭରେ ଏକ ମିଥ୍ୟା ଜାତିଗତ ପ୍ରମାଣ ପତ୍ର ଦେଇ ଚାକିରି କରିଥିବା ନେଇ ଦୁଇଜଣ ସୂଚନା ଅଧିକାର କର୍ମୀ ତଥ୍ୟ ପାଇବା ପରେ ୨୦୧୬ ମସିହା ରେ ଏକ ମାମଲା କରିଥିଲେ। ଏହି ମାମଲାର ତଦନ୍ତ କରି ଆରଡିସି କଟକ , ନୀଳିମା ଙ୍କୁ ଚାକିରିରୁ ବିଦା କରିବା ସହ ନେଇଥିବା ବେତନ ରାଶି ଫେରସ୍ତ ଓ ଜାଲ୍ ଜାତି ପ୍ରମାଣପତ୍ରରେ ଚାକିରି କରିଥିବାରୁ ଅପରାଧିକ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆରଡ଼ିସିଙ୍କ ନିର୍ଦ୍ଦେଶ ପରେ କର୍ପୋରେଟ ଅଫିସ ଭୁବନେଶ୍ୱର ଓଡ଼ିଶା ଜଳ ବିଦ୍ୟୁ ନିଗମ ନିର୍ଦ୍ଦେଶକ ମାନବସମ୍ବଳ ବିଭାଗ ପତ୍ରସଂଖ୍ୟା ୨୭୦୧ ଅନୁସାରେ ରେଙ୍ଗାଳି ଜଳ ବିଦ୍ୟୁତ ନିଗମ ବରିଷ୍ଠ ସାଧାରଣ ପରିଚାଳକ ୮ ଏପ୍ରିଲ୍ ୨୦୨୫ ରେ ନୀଳିମା ଦେବନାଥଙ୍କୁ ଚାକିରିରୁ ବହିଷ୍କୃତ କରିବା ସହିତ ଚାକିରି ଜୀବନରେ ନେଇଥିବା ଆର୍ଥିକ ଲାଭାଂଶ ଫେରସ୍ତ ପାଇଁ ଚିଠି କରିଥିବା ନେଇ ଓଏଚପିସି ର ବରିଷ୍ଠ ସାଧାରଣ ପରିଚାଳକ ସରୋଜ ବହିଦାର ଏନେଇ ସୂଚନା ଦେଇଛନ୍ତି।

ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଲୋକାର୍ପିତ
ପାରାଦୀପ ରେ ହିତାଧିକାରୀ ଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ

ପାରାଦୀପ (ମହାଭାରତ): କଟକ ର ବାଲିଯାତ୍ରା ପଡିଆରେ ଶୁକ୍ରବାର ଦିନ ଆୟୋଜିତ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଉଚ୍ଚ ଅଧିକାରୀ ମାନଙ୍କ ଉପସ୍ଥିତି ରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଯୋ ବନ୍ଦନା ସ୍ୱାସ୍ଥ୍ୟ ଯୋଜନା କୁ ଲୋକାର୍ପଣ କରି ହିତାଧିକାରୀ ମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ବ□ନ କରିଥିଲେ । ଏହି ଅବସରରେ ପାରାଦୀପ ଜୟଦେବ ସଦନ ପରିସରରେ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ଉପସ୍ଥିତ ସମସ୍ତ ମହିଳା ଦେଖିଥିଲେ । କାର୍ଯ୍ୟକ୍ରମ ପ୍ରସାରଣ ଶେଷରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ସମେତ ସ୍ୱାସ୍ଥ୍ୟ ଅଧିକାରୀ, କମ୍ୟୁନିଟି ପ୍ରୋସେସ ଅଧିକାରିଣୀ, ପୌର ଉପାଧ୍ୟକ୍ଷା ଏବଂ ପାରିଷଦ ମାନଙ୍କ ଉପସ୍ଥିତି ରେ ୧କୁ ଜଣ ହିତାଧିକାରୀ ଙ୍କୁ ଏହି ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିବା ବେଳେ ଅଙ୍ଗନବାଡି କର୍ମୀ ଓ ଏସଏଚଜି ସହାୟିକା ମାନଙ୍କ ଦ୍ୱାରା ଅନ୍ୟ ହିତାଧିକାରୀ ମାନଙ୍କୁ ୱାର୍ଡ ବୁଲି ଏହି ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବା ତେବେ ସଧାରଣରେ ଏଥିପ୍ରତି ସଚେତନତା ପାଇଁ ଏକ ସଚେତନତା ରଥ କୁ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଉଦଘାଟନ କରିଥିଲେ। ସୂଚନାଥାଉକି, ଏହି ଯୋଜନାରେ ରାଜ୍ୟର ୧.କୁଡ଼ି ଲକ୍ଷ ପରିବାର ସମେତ ୩.୪୬ କୋଟି ଲୋକ ଉପକୃତ ହେବେ । ଏତଦବ୍ୟତୀତ ଏହି ଯୋଜନାରେ ଓଡିଶା ବ୍ୟତୀତ ସମଗ୍ର ଦେଶର ୨୯ ହଜାର ହସ୍ପିଟାଲ ରେ ନିଃଶୁଳ୍କ ଚିକିତ୍ସା ସୁବିଧା ମିଳିପାରିବ ।

ଚଣ୍ଡିଖୋଲ ପାରାଦ୍ୱୀପ ଜାତୀୟ ରାଜପଥ ସଂପ୍ରସାରଣ ରେ ଅନିୟମିତତା

ବଡଚଣା (ମହାଭାରତ)ୟ ଚଣ୍ଡିଖୋଲ ପାରାଦ୍ୱୀପ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଏବଂ ଚଞ୍ଚକତା ଏବେ ପଥଚାରୀ ଏବଂ ଅଞ୍ଚଳ ବାସୀଙ୍କ ଚିନ୍ତାର କାରଣ ହୋଇଛି । ଚଣ୍ଡିଖୋଲ ପାରାଦ୍ୱୀପ ୫୩ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟରେ ମୋଟ ତିନୋଟି ଠିକା ସଂସ୍ଥା ଜାତୀୟ ରାଜପଥ କତୃପକ୍ଷ ଙ୍କ ଠାରୁ କାମ ପାଇଥିବା ବେଳେ ଚଣ୍ଡିଖୋଲ ରୁ ପାରାଦ୍ୱୀପ ଆଡ଼କୁ ପ୍ରଥମ ୧୯ କିଲୋମିଟର ଏ ଆଇ ପି ଏଲ୍ କାମ କରୁଥିବା ବେଳେ ୨୦ କିଲୋମିଟର ରୁ ୩୯ କିଲୋମିଟର କାମ ପି ଏସ୍ କେ କରୁଛି ଏବଂ ୪୦ କିଲୋମିଟର ରୁ ୬୦ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ କୁ ରାଜବୀର କମ୍ପାନୀ ଜେନ ତେନ ପ୍ରକାରେଣ ସାରିବା ପାଇଁ ସବୁ ନିୟମ କାନୁନ କୁ ଫୁ କରି ଚାଲିଛନ୍ତି।ଖବରରୁ ପ୍ରକାଶ ଚଣ୍ଡିଖୋଲ ପାରାଦ୍ୱୀପ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟରେ ନିୟୋଜିତ ଠିକାଦାର ସଂସ୍ଥା ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ସ୍ଥିରୀକୃତ ରାସ୍ତାର ମାନ କୁ ଭୃକ୍ଷେପ ନକରି ସରକାରୀ ଅଧିକାରୀ ଏବଂ ରାଜନେତା ମାନଙ୍କୁ ମୋଟା ଅଙ୍କର ଉତ୍କୋଚ ଦେଇ ଉଚ୍ଚମାନର କାମପାଇଁ ସ୍ଥିରୀକୃତ ବାଲି,ମାଟି,ମୋରମ୍ ବ୍ୟବହାର ବଦଳରେ ମନ ଇଚ୍ଛା ଅତି ନିମ୍ନ ମାନର କେଲୁଅ ମାଟି ସହିତ ଫ୍ଲାଏ ଆଂସ୍ ବ୍ୟବହାର କରି ଅତି ଗୁରୁବପୂର୍ଣ୍ଣ ଚଣ୍ଡିଖୋଲ ପାରାଦ୍ୱୀପ ୫୩ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟକୁ ତରବରିଆ ଭାବରେ ସାରିବାକୁ ନିଜର କଳ,ବଳ,କୌଶଳ ପ୍ରୟୋଗ କରି ଚାଲିଛନ୍ତି। ରାସ୍ତା ନିର୍ମାଣରେ ଫ୍ଲାଏ ଆଂସ୍ ବ୍ୟବହାର ଦ୍ୱାରା ପଥଚାରୀ ଏବଂ ରାସ୍ତା ସଂଲଗ୍ନ ଅଞ୍ଚଳବାସୀ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫ୍ଲାଏ ଆଂସ୍ ଖରାଦିନିଆ ପବନ ଦ୍ୱାରା କୁଅ,ପୋଖରୀ ରେ ପଡ଼ି ଏକ ଆସ୍ତରଣ ସୃଷ୍ଟି ହେଉଥିବାବେଳେ ମଣିଷ ସମାଜ ଏବଂ ଜୀବଜନ୍ତୁ ଙ୍କ ପିଇବା ପାଣି ଏକ ପ୍ରକାର ବିଷରେ ପରିଣତ ହେବା ସହ ଘରଦ୍ୱାର ଅପରିଷ୍କାର ହେଉଛି ।ରାସ୍ତା ନିର୍ମାଣରେ ଫ୍ଲାଏ ଆଂସ୍ ବ୍ୟବହାର ଦ୍ୱାରା ଏହି ବ୍ୟସ୍ତ ବହୁଳ ରାସ୍ତା ନିର୍ମାଣ ଶେଷର କିଛିଦିନ ଭିତରେ ଦବିବା,ଫାଟି ଆଁ କରି ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ଅଭିଜ୍ଞତା ଥିବା ଅନେକ ଯନ୍ତ୍ରୀ ନିଜର ନାମ ଗୋପନ ରଖିବା ସର୍ତ୍ତରେ ଉପରୋକ୍ତ ସମ୍ଭାବନା ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି।

୩୦ ତମ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ୍ସ କେମ୍ପୋରୀ ଉଦଯାପିତ

କଳାହାଣ୍ଡି/ମହାଭାରତ : କଳାହାଣ୍ଡି : ୩୦ତମ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ୍ସ କେମ୍ପୋରୀ ୨୦୨୪-୨୫ ପ□ାୟତ ଉଚ୍ଚ ବିଦ୍ୟାଳୟ, ମେଦିନୀପୁର ଠାରେ ଉଦଯାପିତ ହୋଇଯାଇଛି।ଏ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଭାରତ ସ୍କାଉଟ ଓ ଗାଇଡ୍ସ ଜିଲ୍ଲା ମୁଖ୍ୟ କମିଶନର ରାଧାକାନ୍ତ ଛତ୍ରୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଦ୍ୟାଳୟ ଓ ଗଣ ଶିକ୍ଷା ଅନୁସୂଚିତ ଜାତି ଓ ଜନଜାତି ଉତ୍ତୟନ, ସଂଖ୍ୟାଲଘୁ ଓ ପଛୁଆଁବର୍ଗ ବିକାଶ, ସାମାଜିକ ସୁରକ୍ଷା ଓ ଭିତ୍ତକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ସରକାର ମାନ୍ୟବର ଶ୍ରୀ ନିତ୍ୟାନନ୍ଦ ଗଣ୍ଡ , ବିଶିଷ୍ଟ ଅତିଥି ଭାବେ ଶ୍ରୀ ସୁଜିତ କୁମାର ମାନ୍ୟବର ସାଂସଦ ରାଜ୍ୟସଭା,ସମ୍ମାନୀତ ଅତିଥୀ ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶ୍ରୀ ଛତ୍ରପତି ସାହୁ ଜିଲ୍ଲା ଶିକ୍ଷା ଅଧିକାରୀ ନବରଙ୍ଗପୁର, ଶ୍ରୀ ସୁଶାନ୍ତ କୁମାର ଚୋପଦାର ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ କଳାହାଣ୍ଡି ସ୍କାଉଟ୍ ଓ ଗାଇଡ୍ସ ଜିଲ୍ଲା ସଭାପତି ଶାନ୍ତନୁ କୁମାର ବେହେରା, ଭାରତ ସ୍କାଉଟ୍ ଓ ଗାଇଡ୍ ଜାତୀୟ ପ୍ରଶିକ୍ଷକ ତ୍ରିନାଥ ଠାକୁର, ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଜିଲ୍ଲା କେମ୍ପୋରୀ ଆବାହକ ଆଚାରୀ ଶବର, ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଭାରତ ସ୍କାଉଟ୍ ଓ ଗାଇଡ୍ସ ସମ୍ପାଦକ ରୂପସିଂହ ରାଉତ, ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ସାଂଗଠନିକ ସମ୍ପାଦକ ସୁଶୀଳ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ମାର୍ଗଦର୍ଶନ କରିଥିଲେୟ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରମାକାନ୍ତ ଛତ୍ରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ପ୍ରଭାତ କୁମାର ରଥ ଅତିଥି ପରିଚୟ ଓ ମ□ ସଂଯୋଜନା କରିଥିଲେୟ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଆଗ୍ରପୂଜ୍ୟ ଗୌରୀପୁତ୍ର ଗଣେଶ ଭଗବାନ ଙ୍କୁ ଧୂପ ଦୀପ ସହିତ ପୂଜାର୍ଚ୍ଚନା କରିଥିଲେୟ ମୁଖ୍ୟ ଅତିଥି ଶ୍ରୀ ଗଣ୍ଡ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାକୁ ରୋଜଗାର ର ପ୍ୟା ନ ଭାବି ଜୀବନ, ଚରିତ୍ର କୁ ଶୃଙ୍ଖଳିତ କରି ଜନ ସେବା ମାଧବ ସେବା ଭାବି ନିଜକୁ ଉତ୍ସର୍ଗୀତ କରିବାକୁ ପରାମର୍ଶ ଦେଇଥିଲେୟ ପରେ ଜିଲ୍ଲା ର ବିଭିନ୍ନ ସ୍କାଉଟସ ବିଜେତାଙ୍କୁ ପୁରସ୍କାର ବିତରଣ ସହ ଟ୍ରଫି, ମାନପତ୍ର ପ୍ରଦାନ କରିଥିଲେୟ ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମ କୁ ଶିକ୍ଷୟତ୍ରୀ ଶ୍ରୀମତୀ ସାସ୍ୱତୀ ମହାପାତ୍ର ଓ ଶ୍ରୀମତୀ ସୃତିଶୀଲଭା ଦାୟିତ୍ୱ ନିର୍ବାହ କରିଥିଲେୟପରେ ପରେ ପ□ାୟତ ଉଚ୍ଚ ବିଦ୍ୟାଳୟ ମେଦିନୀପୁରର ଛାତ୍ରୀଙ୍କ ଦ୍ୱାରା ବିଦାୟୀ ସଂଗୀତ ପରିବେଷଣ କରାଯାଇଥିଲାୟ ଶ୍ରୀ ପବିତ୍ର ମୋହନ ସାହୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପରିଶେଷରେ ସଭାପତି ଙ୍କୁ ଧନ୍ୟବାଦ ଜଣାଇ ସଭାସାଙ୍ଗ ଘୋଷଣା କରାଯାଇଥିଲାୟକାର୍ଯ୍ୟକ୍ରମ ଆୟୋଜନରେ ସନାତନ ସାହୁ, ଧୀରେନ୍ଦ୍ର ପଣ୍ଡା, ମନୋରଞ୍ଜନ ସାହୁ, ପ୍ରଦୀପ ନେଗୀ, ପ୍ରକାଶ ମିଶ୍ର, କମଳାକାନ୍ତି ରଣା, ରାଜୁ ସାହୁ, ଗୋରେଖ ଚନ୍ଦ୍ର ସାହୁ, ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ

ଲକ୍ଷ୍ମୀ ପ୍ରସାଦ ରେ ଲୋକ କଳା ଦିବସ ପାଳିତ

ବୌଦ୍ଧ (ମହାଭାରତ): ବୌଦ୍ଧ ବ୍ଲକ୍ ନାରାୟଣ ନଗର ସ୍ଥିତ ଲକ୍ଷ୍ମୀ ପ୍ରସାଦ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଓଡିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଏବଂ ବୌଦ୍ଧ ପଂଚାୟତ ସମିତି ର ମିଳିତ ଆନୁକୁଲ୍ୟରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅବସରରେ ବରିଷ୍ଠ କଳାକାର ଙ୍କୁ ସମ୍ବର୍ଦ୍ଧନା ଏବଂ କଳା ଗ୍ରାମ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଗୋଷ୍ଠୀ ଉତ୍ତୟନ ଅଧିକାରୀ ସୁଦାମ ଚରଣ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ରୁର କୁମାର ଜାନୀ ଏହି ପକ୍ଷ ର ଆଭିମୁଖ୍ୟ ବିଷୟରେ ଏବଂ ୧୪ ଦିନର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ସ ବିଶେଷ ବିବରଣୀ ପ୍ରଦାନ କରିଥିଲେ ।ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ସ୍ୱାଗତ ଭାଷଣ ସହ ଅ

ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମାଣ ହେବ ଏଚ-୧୩୦ ଲାଇଟ୍ ସିଙ୍ଗଲ୍ ଇଞ୍ଜିନ ହେଲିକପ୍ଟର

ନୂଆଦିଲ୍ଲୀ: ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମାଣ ହେବ ଏଚ-୧୩୦ ଲାଇଟ୍ ସିଙ୍ଗଲ୍ ଇଞ୍ଜିନ ହେଲିକପ୍ଟର ଫ୍ୟୁଏଲଏଜ୍ । ଏୟାରବସ୍ ଏନେଇ ମହିନ୍ଦ୍ରା ଏୟାରଷ୍ଟ୍ରକ୍‌ଚର୍ସ ଚୟନ କରିଛି । ମେକ୍ ଇନ ଇଣ୍ଡିଆ ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ଉପଲବ୍ଧି ହେବ ବୋଲି ଆଶା କରାଯାଉଛି । ମାର୍ଚ୍ଚ ୨୦୨୭ ସୁଦ୍ଧା ୟୁରୋପରୁ ଏୟାରବସ୍ ହେଲିକପ୍ଟରର ଆସେମ୍ବିଲ୍ ପାଇଁ ଡେଲିଭରି ଆରମ୍ଭ ହେବ । ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ଆର୍ ନାଇଡୁ, ବେସାମରିକ ବିମାନ ଚଳାଚଳ ସଚିବ ଭୁମଲୁନ୍ଗାଙ୍ଗ ଭୁଲନମ, ଭାରତ ଓ ଦକ୍ଷିଣ ଏସିଆର ଏୟାରବସ୍ ଅଧ୍ୟକ୍ଷ ଏବଂ ପ୍ରବନ୍ଧ ନିର୍ଦ୍ଦେଶକ ରେମି ମେଲାର୍ଡଙ୍କ ସହିତ ମହିନ୍ଦ୍ରା ସମୂହର ଗ୍ରୁପ ସିଇଓ ଏବଂ ଏମଡି ଡ. ଅନିଶ ଶାହଙ୍କ ଭିତରେ ଚୁକ୍ତି ହୋଇଛି । ୮ ସିଟ୍ ବିଶିଷ୍ଟ ଏଚ-୧୩୦ ଏକ ଲୋକପ୍ରିୟ ହେଲିକପ୍ଟର । ପରିବହନ, ପର୍ଯ୍ୟଟନ, ଚିକିତ୍ସା, ନିରୀକ୍ଷଣ ଓ ଘରୋଇ ବିମାନ ଗତିବିଧିରେ ଏହାକୁ ବ୍ୟବହାର କରାଯାଇଥାଏ। ମହିନ୍ଦ୍ରା ସମୂହର ସହାୟକ କମ୍ପାନି ମହିନ୍ଦ୍ରା ଏୟାରଷ୍ଟ୍ରକଚର୍ସ ପ୍ରାଇଭେଟ୍ ଲିମିଟେଡକୁ ଏୟାରବସ୍ ହେଲିକପ୍ଟର୍ସ ଦ୍ୱାରା ଏଚ-୧୩୦ ଲାଇଟ୍ ସିଙ୍ଗଲ୍ ଇଞ୍ଜିନ ହେଲିକପ୍ଟର ଫ୍ୟୁଏଲଏଜ୍ ନିର୍ମାଣ ଓ ଆସେମ୍ବିଲ୍ ପାଇଁ ଅନୁମତି ପ୍ରଦାନ କରାଯାଇଛି । ଏହି ଚୁକ୍ତିନାମା ପରେ ବୈଶ୍ୱିକ ଏୟରୋସ୍ପେସ ସପ୍ଲାଏ ଶୃଙ୍ଖଳାରେ ମହିନ୍ଦ୍ରା ବିଶ୍ୱସନୀୟ ଭାଗିଦାରୀ ଭାବେ ନିଜ ସ୍ଥିତିକୁ ଆହୁରି ମଜଭୁତ କରିଛି । ତେବେ ଏୟାରବସ୍ ଏଚ-୧୩୦ ହେଲିକପ୍ଟର ନିର୍ମାଣ ଓ ଆସେମ୍ବିଲ୍ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ। ଏଥିପାଇଁ ୟୁରୋପରୁ ସାମଗ୍ରୀ ପଠାଯିବ । ଆସନ୍ତା ଦୁଇ ବର୍ଷ ମଧ୍ୟରେ ପ୍ରଥମେ କ୍ୟାବିନ୍ ଆସେମ୍ବିଲ୍ ଡେଲିଭରି କରାଯିବ ।

ଚରମ ସ୍ତରରେ

ଆମେରିକା-ଚାଇନା ମଧ୍ୟରେ ଟ୍ରେଡ୍ ୱାର

ନୂଆଦିଲ୍ଲୀ : ଆମେରିକା ଓ ଚାଇନା ମଧ୍ୟରେ ଟ୍ରେଡ୍ ୱାର ଚରମ ସ୍ତରରେ। ଦୁଇ ଦେଶର ଶୁଳ୍କ ଯୁଦ୍ଧକୁ ଚିନ୍ତାରେ ସାରା ବିଶ୍ୱ । ଏହି ଟାରିଫ୍ ୱାର କେବଳ ଆମେରିକା ଓ ଚୀନ୍ ଭିତରେ ସୀମିତ ନାହିଁ ବରଂ ଏହା ଅନ୍ୟଦେଶ ମାନଙ୍କୁ ମଧ୍ୟ ପ୍ରଭାବିତ କରିଛି । ହ୍ୱାଇଟ୍ ହାଉସ୍ ବେଜିଂ ଉପରେ ୧୪୫ ପ୍ରତିଶତ ଟାରିଫ୍ ଲାଗୁ କରିବା ପରେ ଏହାର ଦୃଢ଼ ଜବାବ ଦେଇଛନ୍ତି ଡ୍ରାଗନ୍ ସରକାର। ଆମେରିକାରୁ ଆସୁଥିବା ସାମଗ୍ରୀ ଉପରେ ୧୨୫ ପ୍ରତିଶତ ଆମଦାନୀ ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଛନ୍ତି । ଏପ୍ରିଲ୍ ୧୨ ତାରିଖରୁ ଏହି ଅତିରିକ୍ତ ଟାରିଫ୍ ଲାଗୁ ହେବ । ପୂର୍ବରୁ ଚୀନ ସରକାର ଏହାକୁ ୮୪ ପ୍ରତିଶତ ରହିଥିଲେ ।

ଚୀନର ଏହି ପଦକ୍ଷେପ ସ୍ପଷ୍ଟ ହୋଇଛି ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡଙ୍କ ଦ୍ୱାରା ଲାଗୁ ହୋଇଥିବା ଅତିରିକ୍ତ ଟ୍ୟାକ୍ସକୁ ମୁହଁତୋଡ଼ ଜବାବ ଦେବାକୁ ଏହା ଏକ ପ୍ଲାନ୍। ଆମେରିକା ସରକାର ଚୀନ୍ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କକୁ ୧୨୫ ପ୍ରତିଶତରୁ ବୃଦ୍ଧି କରି ୧୪୫ ପ୍ରତିଶତ କରିଛି ।

ହ୍ୱାଇଟ୍ ହାଉସର ଜଣେ ଅଧ୍ୟକ୍ଷ କହିଛନ୍ତି, ଆମେରିକା ସରକାର ନୂଆ ଟାରିଫ୍ ରେଟ୍ ଚାର୍ଟ ଲାଗୁ କରିବା ପରେ ଚୀନ୍ ଉପରେ ଆମଦାନୀ ଶୁଳ୍କ ୧୪୫ ପ୍ରତିଶତ ହେବ । ଏଥିରେ ଫେଣ୍ଟାନାଇଲ୍ ତସ୍କରୀ କରୁଥିବା ଅଭିଯୋଗରେ ଅତିରିକ୍ତ ୨୦ ପ୍ରତିଶତ ଟାରିଫ୍ ସାମିଲ୍ ରହିଛି । ଏହାଛଡ଼ା ଚୀନ ସାମଗ୍ରୀ ଉପରେ ୧୨୫ ପ୍ରତିଶତ ଟାରିଫ୍ ଲାଗୁଛି । ସମସ୍ତ ଶୁଳ୍କକୁ ମିଶାଇଲେ ଏହା ୧୪୫ ପ୍ରତିଶତ ହେବ । ଚୀନରେ ବ୍ୟବସାୟ କରୁଥିବା ଆମେରିକା କମ୍ପାନିଗୁଡ଼ିକ ପାଇଁ କାରବାର କରିବା ଏବେ ମହଙ୍ଗା ହେବ । ଆମେରିକୀୟ କୃଷି, ଅଟୋମୋବାଇଲ୍ ଏବଂ ଟେକ୍ନୋଲଜି ସେକ୍ଟର ପ୍ରଭାବିତ ହେବ । ଚୀନ୍ ଘରୋଇ ସମାଗ୍ରୀର ଜାହିଦା ବୃଦ୍ଧି କରିବା ସହିତ ଅନ୍ୟ ଦେଶମାନଙ୍କ ସହିତ ବ୍ୟବସାୟ ବଢ଼ାଇବାକୁ ଚେଷ୍ଟା କରିବ । ଅନ୍ୟପଟେ ଚୀନ୍ ଆମେରିକା ସାମଗ୍ରୀ ଉପରେ ଘୋଷଣା କରିଥିବା ୧୨୫ ପ୍ରତିଶତ ଟାରିଫକୁ ଏପ୍ରିଲ୍ ୧୨ ତାରିଖରୁ ଲାଗୁ କରିବାକୁ ଘୋଷଣା କରିଛି ।

ଟ୍ରେଡୱାର ମଧ୍ୟରେ କାନାଡ଼ା କମିକ୍ ବୁକ୍ ଛାପିଲା ଟ୍ରମ୍ପ ଓ ମସ୍କଙ୍କ ଛବି

ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ନିଷ୍ପତ୍ତି ଓ ବୟାନ କାରଣରୁ ଏବେ ସାରା ବିଶ୍ୱରେ ଚର୍ଚ୍ଚାରେ। ତାଙ୍କ ଟାରିଫ ନୀତି ଅନେକ ଦେଶଙ୍କୁ ଅସନ୍ତୁଷ୍ଟ କରିଛି। ଖାସ କରି ଆମେରିକାର ପଡୋଶୀ କାନାଡା ଟ୍ରମ୍ପଙ୍କୁ ଏବେ ସୁପର ଭିଲିୟାନ ରୂପେ ଦେଖୁଛି। କାନାଡା ଲୋକେ କେବଳ ଟ୍ରମ୍ପଙ୍କୁ ନେଇ ନୁହେଁ ଏଲନ ମସ୍କଙ୍କ ଉପରେ ମଧ୍ୟ ଅସନ୍ତୁଷ୍ଟ। ଲୋକଙ୍କ ଅସନ୍ତୋଷ ଏପରି ସ୍ଥିତିକୁ ପହଞ୍ଚିଛି ଯେ କାନାଡାରେ ୧୯୭୦ ଦଶକର ସୁପର ହିରୋ

'କ୍ୟାପ୍ଟେନ କାନକ' ଏବେ ପୁଣି ଚର୍ଚ୍ଚାକୁ ଆସିଛନ୍ତି, ହେଲେ ଏଥର ତାଙ୍କର ଶତ୍ରୁ ଆଉ କେହି ନୁହନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଏଲନ ମସ୍କ। ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ କାନାଡାକୁ ଆମେରିକାର ୫୧ତମ ରାଜ୍ୟ କରିବେ ବୋଲି କହିଥିଲେ। ଏଥିରେ କାନାଡା ଉପରେ ଏବେ ଟାରିଫ ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି କାନାଡା ଜନତାଙ୍କ ମଧ୍ୟରେ କ୍ରୋଧ ଓ ଅସନ୍ତୋଷ ଭରି ଦେଇଛି। ନିକଟରେ ଟ୍ରମ୍ପ କହିଥିଲେ କାନାଡାକୁ ଏବେ ଆମେ କିଣିନେବା ଉଚିତ। ଏହାର ଜବାବରେ କାନାଡା କାଲିଫର୍ଣ୍ଣିଆକୁ କିଣିବାକୁ ପ୍ରସ୍ତାବ ଦେଇଥିଲା। ଏପରି ବୟାନବାଜୀ ଏବେ ଟ୍ରମ୍ପଙ୍କୁ କାନାଡାର କମିକ୍ ଚରିତ୍ର ବନାଇ ଦେଇଛି। ଯେଉଁଥିରେ ତାଙ୍କୁ ଏବେ ସୁପର ଭିଲିଆନ ରୂପେ ଦେଖାଯାଉଛି। କାନାଡାରେ କ୍ୟାପ୍ଟେନ କାନକ ନାମରେ ଏକ କମିକ୍ କ୍ୟାରେକ୍ଟର ରହିଛି। ଏହି କ୍ୟାରେକ୍ଟରକୁ ୧୯୭୦ ଦଶକରେ ରିଚାର୍ଡ କମଲୀ ତିଆରି କରିଥିଲେ। କ୍ୟାରେକ୍ଟରର ଅସଲି ନାମ ଟମ ଇଭାନ୍ସ ଓ ସେ ରୟାଲ କାନାଡିୟାନ ମାଉଣ୍ଟେଡ ପୋଲିସର ସଦସ୍ୟ। କମିକ୍ ରେ ତା ନିକଟରେ ସୁପର ପାୱାର ଥିଲା,ଯାହା ତାଙ୍କୁ ଏଲିୟନଙ୍କଠାରୁ ମିଳିଥିଲା। ଏହି କମିକ କ୍ୟାରେକ୍ଟର ଲାଲ ଓ ଶ୍ୱେତ ବଡିସୁଟ ସହିତ ମୁହଁରେ ମାପଲ ପତ୍ର ଲଗାଉଥିଲା। କାନାଡା କମିକ୍ କ୍ୟାପ୍ଟେନ କାନକର ନୂଆ ସଂସ୍କରଣରେ ଟ୍ରମ୍ପଙ୍କୁ ସୁପର ଭିଲିଆନ ରୂପେ ଚିତ୍ରିତ କରାଯାଇଛି। ଏଥିରେ ସେକେବଳ ଏକାକୀ ଖଳନାୟକ ହୋଇ ନାହାନ୍ତି ତାଙ୍କ ସହିତ ଏଲନ ମସ୍କ ମଧ୍ୟ ଅଛନ୍ତି। କମିକ୍ ବୁକ୍ ଫ୍ରେମରେ ଟ୍ରମ୍ପ ଓ ମସ୍କଙ୍କୁ କ୍ୟାପ୍ଟେନ କାନକ କଲର ଧରି ଘୋଷାଡୁଥିବାର ଦେଖା ଯାଉଛି। କମିକ ବୁକର ଗୋଟିଏ ଭାଗରେ ଟ୍ରମ୍ପଙ୍କୁ ମାପଲ ପତ୍ର ଆଗରେ ନଇଁଥିବାର ଦେଖାଯାଉଛି। କାହାଣୀରେ କାନାଡାକୁ ବଞ୍ଚାଇବା ପାଇଁ କ୍ୟାପ୍ଟେନ କାନକ ଟ୍ରାମ୍ପଙ୍କ ଆର୍ଥିକ ଓ ରାଜନୈତିକ ଉପାୟରୁ ବଞ୍ଚାଉଥିବାର କାମ କରୁଛନ୍ତି। ଟ୍ରମ୍ପଙ୍କ ବୟାନବାଜୀ କାନାଡାରେ ରାଷ୍ଟ୍ରବାଦ ଭାବନାକୁ ପ୍ରୋତ୍ସାହିତ କରିଛି। ଫଳରେ କ୍ୟାପ୍ଟେନ କାନକ କମିକ୍ ବୁକ୍ ର ଚାହିଦା ବଜାରରେ ଅଚାନକ ବଢିଯାଇଛି। ଲାଇବ୍ରେରୀ, ବୁକ୍ ଷ୍ଟୋର ଓ ଅନଲାଇନ ପ୍ଲାଟଫର୍ମରେ କମିକ୍ ଏବେ ହାତକୁ ହାତ ବିକ୍ରି ହେଇଯାଉଛି। ଏହା ଛଡା ସୋସିଆଲ ମିଡିଆରେ ମଧ୍ୟ କ୍ୟାପଟେନ କାନକ ଟ୍ରେଣ୍ଡ କରୁଛି।

ସାଉଦି ଆରବରେ ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର କଲେ ଜେଲ

ରିଆଦ: ଆପଣ ପିତାମାତା ଏବଂ ବୟସ୍କମାନଙ୍କ ସହିତ ହିଂସା ଏବଂ ଦୁର୍ବ୍ୟବହାରର ଅନେକ ଭିଡିଓ ଦେଖିଥିବେ ଅଥବା ରିପୋର୍ଟ ପଢ଼ିଥିବେ। ଭାରତରେ ଏଥିପାଇଁ ଏକ କଠୋର ଆଇନ ଅଛି। କିନ୍ତୁ ସାଉଦି ଆରବ ବିଶ୍ୱର ସବୁଠାରୁ କଠୋର ଆଇନ ତିଆରି କରିଛି। ଏବେ ଯଦି କେହି ବୃଦ୍ଧ ବ୍ୟକ୍ତିଙ୍କୁ ଦୁର୍ବ୍ୟବହାର କରନ୍ତି କିମ୍ବା ଆକ୍ରମଣ କରିବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କୁ ପ୍ରାୟ ୧.୧୨ କୋଟି ଟଙ୍କା ଜରିମାନା ଦେବାକୁ ପଡିବ। କେବଳ ଏତିକି ନୁହେଁ, ଆପଣଙ୍କୁ ଜେଲ ମଧ୍ୟ ଯିବାକୁ ପଡ଼ିପାରେ। ଗଲ୍ଫ ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, ସାଉଦି ଆରବର ମାନବ ସମ୍ବଳ ମନ୍ତ୍ରୀ ଗୁରୁବାର 'ବୟସ୍କଙ୍କ ଅଧିକାର ଏବଂ ଯତ୍ନ ଆଇନ' କାର୍ଯ୍ୟକାରୀ କରିବାର ଘୋଷଣା କରିଛନ୍ତି। ଏହି ଆଇନ ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ଜଣେ ବୟସ୍କ ବ୍ୟକ୍ତିଙ୍କୁ ମାଡ଼ ମାରେ କିମ୍ବା ତାଙ୍କ ସହିତ ଖରାପ ବ୍ୟବହାର କରେ, ତେବେ ତାଙ୍କୁ ୫ ଲକ୍ଷ ସାଉଦି ରିୟାଲ, ଅର୍ଥାତ୍ ପ୍ରାୟ ୧.୧୨ କୋଟି ଟଙ୍କା ଜରିମାନା ହୋଇପାରେ। ଯଦି ଅପରାଧ ଗମ୍ଭୀର ହୋଇଥାଏ ତେବେ ଅପରାଧୀକୁ ଜେଲ୍ ମଧ୍ୟ ଦିଆଯାଇପାରେ। ସାଉଦି ଆରବ ସରକାର କହିଛନ୍ତି ଯେ ଏହି ଆଇନର ଉଦ୍ଦେଶ୍ୟ ହେଉଛି ବୟସ୍କ ବ୍ୟକ୍ତିଙ୍କ ସମ୍ମାନ ରକ୍ଷା କରିବା। ଏହା କେବଳ ବୟସ୍କମାନଙ୍କୁ ସୁରକ୍ଷା ଦେବ ନାହିଁ ବରଂ ସେମାନଙ୍କ ପ୍ରତି ଲୋକଙ୍କ ସମ୍ମାନ ମଧ୍ୟ ବୃଦ୍ଧି କରିବ। ଏଥିରେ ଶୂନ୍ୟ ସହନଶୀଳତା ନୀତି ରହିବ।

ନୟନାର ନାଗେନ୍ଦ୍ରନ୍ ହେଲେ ତାମିଲନାଡୁ ବିଜେପି ସଭାପତି

ଚେନ୍ନାଇ: ଭାରତୀୟ ଜନତା ପାର୍ଟି (ବିଜେପି) ତାମିଲନାଡୁରେ ନେତୃତ୍ୱ ପରିବର୍ତ୍ତନ କରିଛି ଏବଂ ନୟନାର ନାଗେନ୍ଦ୍ରନଙ୍କୁ ରାଜ୍ୟ ସଭାପତି ଭାବରେ ନିଯୁକ୍ତ କରିଛି। ତାମିଲନାଡୁ ବିଜେପି ସଭାପତି ଭାବରେ ନାଗେନ୍ଦ୍ରନଙ୍କ ନିଯୁକ୍ତିର ଆନୁଷ୍ଠାନିକ ଘୋଷଣା ଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟରୁ କରାଯିବ। କୁହାଯାଇଥିଲା ଯେ ସଭାପତି ପଦ ପାଇଁ କେବଳ ନାଗେନ୍ଦ୍ରନ ନାମାଙ୍କନ ଦାଖଲ କରିଥିଲେ, ଯାହା ଯୋଗୁଁ ତାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ପୂର୍ବତନ ରାଜ୍ୟ ସଭାପତି କେ. ଅନ୍ନାମଲାଇ ନିଜେ ତାଙ୍କ ନାମ ପ୍ରସ୍ତାବ କରିଥିଲେ, ଯାହାକୁ ଅନ୍ୟ ବରିଷ୍ଠ ନେତାମାନେ ମଧ୍ୟ ସମର୍ଥନ କରିଥିଲେ। ଏହିପରି, ନୟନର ନାଗେନ୍ଦ୍ରନଙ୍କୁ କୌଣସି ବିରୋଧ ବିନା ରାଜ୍ୟ ସଭାପତି କରାଯାଇଥିଲା। ନୟନର ନାଗେନ୍ଦ୍ରନଙ୍କ ଏହି ନିଯୁକ୍ତି ଏପରି ଏକ ସମୟରେ ହୋଇଛି ଯେତେବେଳେ ବିଜେପିର ଜାତୀୟ ଅଧ୍ୟକ୍ଷଙ୍କ ନିର୍ବାଚନ ହେବାକୁ ଯାଉଛି। ଏହା ବ୍ୟତୀତ ଆସନ୍ତା ବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବାକୁ ଯାଉଛି। ବିଜେପି ତାମିଲନାଡୁରେ ନିଜର ସ୍ଥିତିକୁ ମଜବୁତ କରିବାକୁ ଚେଷ୍ଟା କରୁଛି। ସଂଗଠନ ବିଶ୍ୱାସ କରେ ଯେ ନାଗେନ୍ଦ୍ରନଙ୍କ ନେତୃତ୍ୱରେ ଦଳ ରାଜ୍ୟରେ ଅଧିକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିପାରିବ। ଆଗକୁ ତାମିଲନାଡୁ ବିଧାନସଭା ନିର୍ବାଚନ ଥିବାବେଳେ ଏଆଇଏଡିଏମକେ ସହ ମେଣ୍ଟ କରିବାକୁ ଯାଉଛି ବିଜେପି । ତେବେ ଆନ୍ନାମଲାଇଙ୍କୁ ନେଇ ଏଆଇଏଡିଏମକେର କେତେକ ଆପତ୍ତି ଥିବାରୁ ବିଜେପି ତାଙ୍କୁ ବଦଳାଇ ନାଗେନ୍ଦ୍ରନଙ୍କୁ ସଭାପତି କରିଥିବା ଅନୁମାନ କରାଯାଉଛି ।

ଗାଜାରେ ହମଲାକୁ ନା କରିଛନ୍ତି ଇସ୍ରାଏଲ ସେନା

ନୂଆଦିଲ୍ଲୀ: ଇସ୍ରାଏଲ ସେନା ଭିତରେ ବିଦ୍ରୋହ । ଗାଜାରେ ହମଲାକୁ ନା କରିଛନ୍ତି କିଛି ସୈନିକ । ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ନିଜର ରାଜନୈତିକ ଫାଇଦା ପାଇଁ ଏହି ଲଢ଼େଇ ଜାରି ରଖିଛନ୍ତି । ଏହାର ଅର୍ଥ ପଣବନ୍ଦୀଙ୍କୁ ଫେରାଇ ଆଣିବା ନୁହେଁ । ଏବେ ବି ଅନେକ ଇସ୍ରାଏଲୀ ହମାସ କବଳରେ ରହିଛନ୍ତି । ଗାଜାରେ ଯୁଦ୍ଧକୁ ବିରୋଧ କରି କିଛି ବାୟୁସୈନିକ ସରକାରଙ୍କୁ ଚିଠି ଲେଖିଥିଲେ । ତେବେ ଏମାନଙ୍କୁ ବିରୋଧ କରି ସେବା ନିବୃତ୍ତ କରିବାକୁ ଦାବି କରିଛି ଇସ୍ରାଏଲ ସେନା । ତୁରନ୍ତ ଯବାନଙ୍କ ବିରୋଧରେ ଆକ୍ସନ ନେବାକୁ କୁହାଯାଇଛି । ଅନ୍ୟପଟେ ଇସ୍ରାଏଲ୍ ସେନା ମଧ୍ୟରେ ମତଭେଦ ଗ୍ରହଣୀୟ ନୁହେଁ ବୋଲି ଜଣେ ସେନା ଅଧିକାରୀ କହିଛନ୍ତି। ବର୍ତ୍ତମାନ ଦେଶ ପାଇଁ ମିଳିମିଶି ଲଢ଼େଇ କରିବାର ସମୟ । ଯୁଦ୍ଧ ଭିତରେ ଏହା ସ୍ୱିକାର ଯୋଗ୍ୟ ନୁହେଁ, ଏହା ଦ୍ୱାରା ଅନ୍ୟ ଯବାନମାନଙ୍କର ମନୋବଳ ଭାଙ୍ଗୁଛି ବୋଲି ସେ କହିଛନ୍ତି ।

ଗାଜା ଯୁଦ୍ଧକୁ ବିରୋଧ କରି ଚିଠିରେ ହସ୍ତାକ୍ଷର କରିଥିବା ସୈନ୍ୟଙ୍କୁ ନେଇ ସ୍ପଷ୍ଟୋକ୍ତି ଦେଇଛି ଆଇଡିଏଫ । ଏଭଳି ସଂରକ୍ଷିତ ସୈନ୍ୟ ଏବେ ଇସ୍ରାଏଲ ସେନ ଭିତରେ ରହିବେ ନାହିଁ । ସେମାନଙ୍କୁ ସେବାକୁ ନିବୃତ୍ତ କରାଯିବ । ସୂଚନା ଅନୁଯାୟୀ, ଇସ୍ରାଏଲ ବାୟୁସେନାର ହଜାରେରୁ ଅଧିକ ଅତିରିକ୍ତ ସୈନିକ ଓ ଅବସରପ୍ରାପ୍ତ ଯବାନ ଗାଜା ଯୁଦ୍ଧକୁ ନା କରି ଚିଠି ଲେଖିଥିଲେ । ଗୁରୁବାର ଇସ୍ରାଏଲ ଗଣମାଧ୍ୟମ ଦ୍ୱାରା ଏହା ପ୍ରକାଶିତ ହେବା ପରେ ହଟଚମକ ଖେଳିଯାଇଛି । ହମାସ ଠାରୁ ପଣବନ୍ଦୀଙ୍କୁ ଫେରାଇ ଆଣିବାକୁ ଚିଠିରେ ଲେଖାହୋଇଛି। ଏହି ଚିଠି ଏଭଳି ସମୟରେ ଲେଖାଯାଇଛି ଯେ, ଯେଉଁ ସମୟରେ ହମାସ ବିରୋଧରେ ଇସ୍ରାଏଲ୍ ସେନା ଲଢ଼େଇକୁ ଆହୁରି ଜୋରଦାର କରିଛି । ହମାସ ଉପରେ ଚାପ ପକାଇବାକୁ ଇସ୍ରାଏଲ ସେନା ଗାଜାପଟ୍ଟୀର ଦୁଇ ରାସ୍ତାକୁ ସିଲ୍ କରିଦେଇଛି ।

ଗତ ଅକ୍ଟୋବର ୨୩ ତାରିଖରେ ଇସ୍ରାଏଲ ଉପରେ ଅତର୍କିତ ଆକ୍ରମଣ କରିଥିଲା ହମାସ । ଏଥିରେ ୧୨ଶହରୁ ଅଧିକ ଲୋକଙ୍କ ପ୍ରାଣ ହରାଇଥିଲେ । ୨୫୦ରୁ ଅଧିକ ଲୋକଙ୍କୁ ପଣବନ୍ଦୀ କରିନେଇଥିଲା ଆତଙ୍କବାଦୀ ସଂଗଠନ । ଏହାପରେ ନରସଂହାର ଆରମ୍ଭ କରିଥିଲା ଇସ୍ରାଏଲ ସେନା । ଗାଜାପଟ୍ଟୀକୁ ଧ୍ୱଂସସ୍ତୁପରେ ପରିଣତ କରିଛି । ୪୬ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଲକ୍ଷାଧିକ ବେଘର ହୋଇଛନ୍ତି । ଏପଟେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ପଣବନ୍ଦୀଙ୍କୁ ହମାସ ନଛାଡ଼ିବା ଯାଏଁ ଏଯୁଦ୍ଧ ଜାରି ରହିବ ।

୩ ଦିନରେ ମହଙ୍ଗା ହେଲାଣି ସୁନା

ନୂଆଦିଲ୍ଲୀ : ସୁନାରୁପା ଦର ହୁହୁ ହୋଇ ବଢୁଛି। ଫଳରେ ଚିନ୍ତାରେ ପଡ଼ିଛନ୍ତି ଲୋକେ। ସୁନା ଦର ହ୍ରାସ ପାଇବ ବୋଲି ଖବର ପ୍ରକାଶ ପାଉଥିଲେ ହେଁ ଏହି ଦର ବଢ଼ିବଢ଼ି ଚାଲିଛି। ଶୁକ୍ରବାର ସୁନା ଦର ୯୫ ହଜାର ଟଙ୍କା ପାର କରିଛି। ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୯୫,୪୦୦ ଟଙ୍କା ହୋଇଥିବାବେଳେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୮୭,୪୫୦ ଟଙ୍କା ରହିଛି। ୩ ଦିନରେ ସୁନା ଦର ୫ ହଜାରରୁ ଅଧିକ ହୋଇଛି। ଗୋଟିଏ ପଟେ, ଫ୍ୟୁଚର୍ସ ବଜାରରେ ସୁନାର ମୂଲ୍ୟ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ, ଘରୋଇ ବଜାରରେ ସୁନା ପ୍ରତି ୧୦ ଗ୍ରାମ ୯୫,୪୦୦ ଟଙ୍କାର ରେକର୍ଡ ସ୍ତରକୁ ପହଞ୍ଚିଛି। ସୁନା ୨୦୨୦ ଟଙ୍କା ବୃଦ୍ଧି ପାଇଛି। ଦେଶର ପ୍ରମୁଖ ସହରଗୁଡ଼ିକରେ ଆଜି ସୁନାର ମୂଲ୍ୟ କେତେ। ୧୦ ଗ୍ରାମ ସୁନା କିଣିବା ପାଇଁ ଆପଣଙ୍କୁ କେତେ ଟଙ୍କା ଦେବାକୁ ପଡ଼ିବ? ରିପୋର୍ଟ ଅନୁଯାୟୀ, ଆଜି ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ୍ ପାଇଁ ୨୦୨୦ ଟଙ୍କା ବୃଦ୍ଧି ପାଇଛି।

କୋଟିପତିଙ୍କୁ ଟାଣୁଛି ଏସିଆ ଓ ଆମେରିକା

ଲଣ୍ଡନ: ଧନୀମାନଙ୍କ ପାଇଁ ଏକଦା ବିଶ୍ୱର ଆକର୍ଷଣୀୟ କେନ୍ଦ୍ର ପାଲଟିଥିବା ଲଣ୍ଡନର ଚମକ୍ ଏବେ ଫିକା ପଡ଼ିବାରେ ଲାଗିଛି। ଯେଉଁଠି ଦିନେ ଧନୀମାନେ ରହିବାକୁ ଅଧିକ ପସନ୍ଦ କରୁଥିଲେ ଏବେ ସେହି ସହର ସେମାନଙ୍କୁ ଭଲ ଲାଗୁନି। କାରଣ ୨୦୨୪ରେ ବହୁ ସଂଖ୍ୟାରେ କୋଟିପତି ଲଣ୍ଡନ ଛାଡ଼ି ପଳାଇଛନ୍ତି। ଏନଇ ହେନଲି ଆଣ୍ଡ ପାର୍ଟନର୍ସ ନାମକ ଏକ ସଂସ୍ଥା ରିପୋର୍ଟ ଦେଇଛି।

ସଂସ୍ଥାର ନୂଆ ରିପୋର୍ଟ ଅନୁଯାୟୀ, ଜାନୁଆରୀରୁ ଡିସେମ୍ବର ମଧ୍ୟରେ ୧୧,୦୦୦ ରୁ ଅଧିକ କୋଟିପତି ବ୍ରିଟିଶ ରାଜଧାନୀ ଛାଡି ଚାଲି ଯାଇଛନ୍ତି। ତେବେ ଯେଉଁ ଧନୀମାନେ ଲଣ୍ଡନ ଛାଡ଼ିଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଏସିଆ ଏବଂ ଆମେରିକାକୁ ସେମାନଙ୍କର ନୂଆ ଘର ଭାବରେ ବାଛିଛନ୍ତି। ବର୍ଦ୍ଧିତ ଟିକସ, ଆର୍ଥିକ ଅନିଶ୍ଚିତତା ଏବଂ ବ୍ରେକ୍ସିଟର ପରବର୍ତ୍ତୀ ଝଟକାକୁ ଯୋଗୁ ଆରବପତିଙ୍କ ପଳାୟନ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

କୋଟିପତିଙ୍କର ଏଭଳି ପଳାୟନ ଧାରା ଯଦିଓ ନୂଆ

ସର୍ବଭାରତୀୟ ପୋଲିସ ହକି ଚମ୍ପିଅନସିପ

ଭୁବନେଶ୍ୱର, ୧୧।୪ (ମହାଭାରତ) : କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚମ୍ପିଅନସିପର ପଞ୍ଚମ ଦିନରେ ମୋଟ ୭ ଟି ମ୍ୟାଚ ଖେଳାଯାଇଛି। ଶୁକ୍ରବାର ପ୍ରଥମ ମ୍ୟାଚ ଜାମ୍ମୁ କାଶ୍ମୀର ଓ କର୍ଣ୍ଣାଟକ ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ କର୍ଣ୍ଣାଟକ , ଜାମ୍ମୁ କାଶ୍ମୀର ଦଳକୁ ୪-୨ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ ମଣିପୁର ଓ ଛତିଶଗଡ଼ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ମଣିପୁର, ଛତିଶଗଡ଼ ପୋଲିସ ଦଳକୁ ୮-୨ ଗୋଲ ବ୍ୟବଧାନରେ ହରାଇଛି। ସେହିପରି ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ପୋଲିସ ମଧ୍ୟରେ ତୃତୀୟ ମ୍ୟାଚ ଖେଳାଯାଇଥିଲା। ଏହି ମ୍ୟାଚରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ପୋଲିସ ଦଳକୁ ୩-୨ ଗୋଲ ବ୍ୟବଧାନରେ ହରାଇଛି। ଚତୁର୍ଥ ମ୍ୟାଚ ଚଣ୍ଡିଗଡ ଓ ରାଜସ୍ଥାନ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ରାଜସ୍ଥାନ, ଚଣ୍ଡୀଗଡ ପୋଲିସ ଦଳକୁ ୧୪-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି।

ସେହିପରି ପଞ୍ଚମ ମ୍ୟାଚ ମହିଳା ବିଭାଗରେ ସିଆରପିଏଫ ଓ ହରିୟାନା ମହିଳା ପୋଲିସ ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ସିଆରପିଏଫ, ହରିୟାନା ପୋଲିସ ଦଳକୁ ୮- ୦ ଗୋଲ ବ୍ୟବଧାନରେ ହରାଇଛି। ସେହିପରି ଷଷ୍ଠ ମ୍ୟାଚ ଘରୋଇ ଓଡିଶା ଓ ମହାରାଷ୍ଟ୍ର ପୋଲିସ ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଓଡିଶା, ମହାରାଷ୍ଟ୍ର ପୋଲିସ ଦଳକୁ ୩-୨ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ଆଜି ଦିନର ସପ୍ତମ ତଥା ଶେଷ ମ୍ୟାଚ ସିଆଇଏସଏଫ ଓ ହରିୟାନା ପୋଲିସ ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ସିଆଇଏସଏଫ, ହରିୟାନା ପୋଲିସ ଦଳକୁ ୧୨-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛିୟ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ୟାମିନୀ ଷଡଙ୍ଗୀ, ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ନାଥ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାର, ପରିବହନ କମିଶନର ଶ୍ରୀ ଅମିତାଭ ଠାକୁର,ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ଶ୍ରୀ ଦୟାଲ ଗଙ୍ଗୱାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଶ୍ରୀ ଅନୁପ କୁମାର ସାହୁ, ଡିଆଇଜି (ଏସଆଇଡବ୍ଲୁ) ଡ଼ା କନୱର ବିଶାଲ ସିଂ, ଏସପି (କଟକ) ଶ୍ରୀ ପ୍ରତୀକ ସିଂ ପ୍ରମୁଖ ବିଭିନ୍ନ ମ୍ୟାଚ ଗୁଡିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ରାଜ୍ୟସ୍ତରୀୟ ଡିଫା କପ ଫୁଟବଲ ଟୁର୍ଣ୍ଣାମେଂଟ : ସେମିରେ ପୁରୀ

ଧର୍ମଶାଳା,୧୧।୪ (ମହାଭାରତ) : ଯାଜପୁର ଜିଲା ଧର୍ମଶାଳା ଫୁଟବଲ ଆସୋସିଏସନର ୩୪ ତମ ବାର୍ଷିକ ଉତ୍ସବ ଅବସରରେ ବୁଧବାର ଠାରୁ ଆରମ୍ଭ ହୋଇଥିବା ୨୭ତମ ରାଜ୍ୟସ୍ତରୀୟ ଡିଫା କପ ଫୁଟବଲ ଟୁର୍ଣ୍ଣମେଂଟର ତୃତୀୟ ଦିବସରେ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱରକୁ ୧/୨ ଗୋଲରେ ପରାସ୍ତ କରି ନୀଳଚକ୍ର କ୍ଲବ ପୁରୀ ସେମିଫାଇନାଲରେ ପ୍ରବେଶ କରିଛି । ଖେଳର ପ୍ରଥମାର୍ଦ୍ଧରେ ପୁରୀ ଟିମର ଅବିନାଶ ସାମଲ ୨ଟି ଗୋଲ କରିଥିଲେ । ମ୍ୟାଚର ପ୍ରଥମାରର୍ଦ୍ଧରେ ପୁରୀ ଟିମ ଭୁବନେଶ୍ୱର ଟିମକୁ ୨ ଗୋଲ ଦେଇ ଆଗୁଆ ରହିଥିଲା । ମ୍ୟାଚରେ ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ସେକ ମୁସ୍ତକିମ ଗୋଟିଏ ଗୋଲ କରିଥିଲେ । ଫଳରେ ପୁରୀ ଟିମ ୨/୧ ଗୋଲରେ ଭୁବନେଶ୍ୱର ଟିମକୁ ପରାସ୍ତ କରି ବିଜୟୀ ହୋଇଥିଲା । ଆଜିର ମ୍ୟାଚରେ ବିଜୟୀ ପୁରୀ ଟିମର ଅବିନାଶ ସାମଲ ମ୍ୟାନଅଫ ଦି ମ୍ୟାଚ ଓ ବେଷ୍ଟ ସ୍କୋରର ଭାବେ ଭୁବନେଶ୍ୱରର ସେକ ମୁସ୍ତକିମଙ୍କୁ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା । ଆଜିର ମ୍ୟାଚକୁ ଅବଦୁଲ ମାର୍ଟିନ ପରିଚାଳନା କରିଥିବା ବେଳେ ଶୈଳେଶ ପାଣି, ଚିତରଞ୍ଜନ ଓଝା ଓ ସତ୍ୟପ୍ରକାଶ ବିଶ୍ୱାଳ ଲାଇନରେ ସହୟତା କରିଥିଲେ । ଆଜିର ମ୍ୟାଚରେ ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟ କର ଅତିଥି ଭାବେ ଯୋଗଦେଇ ଆଜିର ଖେଳର ମ୍ୟାନ ଅଫଦି ମ୍ୟାଚ ଓ ବେଷ୍ଟ ସ୍କୋରରକୁ ଟ୍ରଫି ପ୍ରଦାନ କରିଥିଲେ । ଆସନ୍ତା କାଲି ଶନିବାର କେଏଫସି କଲିକତା ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଡିଫା କ୍ଲବର ସଭାପତି ପ୍ରମୋଦ ଦାସ ଓ ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି ।

ଜାତୀୟ ହ୍ୟାଣ୍ଡବଲ ଚମ୍ପିଆନସିପ

କେନ୍ଦୁଝର, ୧୧।୪ (ମହାଭାରତ) : କେନ୍ଦୁଝର ହ୍ୟାଣ୍ଡବଲ୍ ପଡ଼ିଆରେ ଆୟୋଜିତ ଏହି ଜାତୀୟସ୍ତରୀୟ ଚମ୍ପିଆନସିପ୍ ର ଆଜି ଚତୁର୍ଥ ଦିବସ । ଆଜିସୁଧା ଲିଗ ସହ ପ୍ରି କ୍ୱାଟର ଓ କ୍ୱାଟର ଫାଇନାଲର ୪୦ଟି ମ୍ୟାଚ ସମାପ୍ତ ହୋଇଛି । ଯେଉଁଥିରେ ଓଡ଼ିଶା ହ୍ୟାଣ୍ଡବଲ ଇତିହାସରେ ଓଡ଼ିଶା ପ୍ରଥମ ଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ପ୍ରି କ୍ୱାଟର ଫାଇନାଲ ମ୍ୟାଚରେ ଓଡ଼ିଶା - ଦିଲ୍ଲୀ କୁ ୧୪ - ୪ ଗୋଲ ରେ , ରାଜସ୍ଥାନ - କର୍ଣ୍ଣାଟକ କୁ ୪୭ - ୨୭ ଗୋଲ ରେ , ମଧ୍ୟ ପ୍ରଦେଶ - ମୁମ୍ବାଇ ହେଣ୍ଡବଲ ଏକାଡେମି କୁ ୨୩ - ୧୦ ଗୋଲ ରେ , ହରିୟାନା - ଆର୍ଯ୍ୟବ୍ରତ କୁ ୨୦ - ୧୩ ଗୋଲ ରେ , ଗୁଜୁରାଟ ଝାରଖଣ୍ଡ କୁ ୨୨ - ୧୭ ଗୋଲ ରେ , ମଣିପୁର ଆସାମ କୁ ୩୪ - ୨୨ ଗୋଲ ରେ , ବୈଷ୍ଣବି ନର୍ଶରୀ- ତାମିଲନାଡୁ କୁ ୨୩ - ୨୧ ଗୋଲ ରେ ଓ ଉତର ପ୍ରଦେଶ- ଛତିସଗଡ଼କୁ ୨୧ - ୬ ଗୋଲ ରେ ପରାସ୍ତ କରି କ୍ୱାଟର ଫାଇନାଲରେ ପ୍ରବେଶ କରିଥିଲେ । କ୍ୱାଟର ଫାଇନାଲରେ ଓଡ଼ିଶା - ମଣିପୁର କୁ ୨୪ -୨୧ ଗୋଲ ରେ , ରାଜସ୍ଥାନ - ମଧ୍ୟ ପ୍ରଦେଶ କୁ ୨୭ - ୯ ଗୋଲ ରେ , ହରିୟାନା - ଗୁଜୁରାଟ କୁ ୩୩ - ୨୯ ଗୋଲ ରେ , ଉତର ପ୍ରଦେଶ - ବୈଷ୍ଣବି ନର୍ଶରୀ କୁ ୨୪ -୧୦ ଗୋଲ ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆଜିର ଏହି ଖେଳକୁ ଭାରତୀୟ ହ୍ୟାଣ୍ଡବଲ ସଂଘର ପୁରୁଖା ରେଫରିମାନେ ପରିଚାଳିତ କରିଥିଲେ । ସେମାନେ ହେଲେ ସନ୍ଧିପ ବଲୋଦା , ଅମିତ ପାଣ୍ଡେ , ରାହୁଲ , ସନ୍ଦିପ , ନିତେଶ ଡାଗର , ମୋହିତ , ଜିତେନ୍ଦ୍ର , ଧୂରେନ୍ଦ୍ର ଡାଗର , ଭଗବାନ ସିଂ , ଇମତେୟାଜ , ସମିମ , ବର୍ଷା ସେଠୀ ଓ ଜୋତି ପାତ୍ର । ଏମାନଙ୍କୁ ସହଯୋଗ କରିଥିଲେ ସମ୍ମିତା ବିଶ୍ୱାଳ ଓ ମମତା ନାଏକ। ଯେଉଁଥିରେ ମହାରାଷ୍ଟ୍ର - ପଶ୍ଚିମବଙ୍ଗକୁ ୩୨ - ୧୦ ଗୋଲ ରେ , ଆନ୍ଧ୍ର ପ୍ରଦେଶ - ମଧ୍ୟ ପ୍ରଦେଶ କୁ ୨୩ - ୧୧ ଗୋଲ , ଉତର ପ୍ରଦେଶ - ତେଲେଙ୍ଗାନା କୁ ୩୦ - ୧୪ ଗୋଲ , ରାଜସ୍ଥାନ - ଛତିସଗଡ଼କୁ ୩୩ - ୯ ଗୋଲ ରେ , ଦିଲ୍ଲୀ- ଝାରଖଣ୍ଡ କୁ ୨୭ - ୭ ଗୋଲ ରେ , ବିହାର - ଆର୍ଯ୍ୟବ୍ରତ ଏକାଡେମି ୨୦ - ୨୦ ଗୋଲ ରେ , ହରିୟାନା - କେରଳକୁ ୩୦ - ୧୪ ଗୋଲ ରେ , ତାମିଲନାଡୁ - ଆନ୍ଧ୍ର ପ୍ରଦେଶ କୁ ୨୨ - ୧୮ ଗୋଲ ରେ ଓ ୟସସିୟୁ ଏକାଡେମି ମୁମ୍ବାଇ ଏକାଡେମି କୁ ୨୮ - ୧୯ ଗୋଲ ରେ ପରାସ୍ତ କରିଛି ।

ପୂର୍ବତନ ମାଲିକଙ୍କୁ ମୁହଁତୋଡ଼ ଜବାବ ଦେଲେ ରାହୁଲ

ବେଙ୍ଗାଲୁରୁ, ୧୧।୪ : ଲୋକେଶ ରାହୁଲଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ୬ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ପରାସ୍ତ କରିଛି। ଏହି ବିଜୟ ସହ ଦିଲ୍ଲୀ ଚଳିତ ଲିଗର ଏକମାତ୍ର ଦଳ ଭାବେ ତା'ର ଅପରାଜେ। ଧାରା ଜାରି ରଖିଛି। ଏହା ଦିଲ୍ଲୀ ପାଇଁ କ୍ରମାଗତ ଚତୁର୍ଥ ବିଜୟ ହୋଇଥିବା ବେଳେ ବେଙ୍ଗାଲୁରୁ ଲାଗି ଏହା ଦ୍ୱିତୀୟ ପରାଜୟ। ଏହି ପ୍ରଦର୍ଶନ ସହିତ ରାହୁଲ ୨୮,୩୯୦ କୋଟି ଟଙ୍କାର ମାଲିକଙ୍କୁ ଉଚିତ ଜବାବ ଦେଇଛନ୍ତି। କେଏଲ ରାହୁଲଙ୍କ ପୁରୁଣା ଫ୍ରାଞ୍ଚାଇଜ ଏଲଏସଜିର ମାଲିକ ସଞ୍ଜିବ ଗୋଏଙ୍କାଙ୍କ ସମ୍ପତ୍ତି ୨୮,୩୯୦ କୋଟି ଟଙ୍କା। ଖଝଏ ସହିତ ଆଇପିଏଲର ଗତ ସିଜିନ କେଏଲ ରାହୁଲଙ୍କ ପାଇଁ ବହୁତ ଚାପପୂର୍ଣ୍ଣ ଥିଲା। ରାହୁଲ ଖଝଏର ଅଧିନାୟକ ମଧ୍ୟ ଥିଲେ। ଦଳର ପରାଜ। ପରେ, ସଞ୍ଜିବ ଗୋଏଙ୍କା ତାଙ୍କ ଉପରେ ରାଗିଥିବାର ଅନେକ ଫଟୋ ପଡ଼ିଆରୁ ଭାଇରାଲ ହୋଇଥିଲା। ସେତେବେଳେ କେଏଲ ରାହୁଲ କୌଣସି ଉ ର ଦେଇ ନଥିଲେ। କିନ୍ତୁ, ଓଚଖ ୨୦୨୫ ରେ ତାଙ୍କର ପ୍ରଦର୍ଶନ ସହିତ, ସେ ଆଇପିଏଲର ମାଲିକଙ୍କୁ ଏକ ଉପଯୁକ୍ତ ଜବାବ ଦେଉଥିବା ପରି ମନେ ହେଉଛି।

ଦିଲ୍ଲୀ କ୍ୟାପିଟାଲ୍ସ ଆଇପିଏଲ ୨୦୨୫ରେ ଏପର୍ଯ୍ୟନ୍ତ ୪ଟି ମ୍ୟାଚ ଖେଳିଛି, ଯେଉଁଥିରୁ ରାହୁଲ କେବଳ ତିନୋଟି ମ୍ୟାଚ ଖେଳିଛନ୍ତି। ରାହୁଲ ସେହି ୩ଟି ମ୍ୟାଚ ମଧ୍ୟରୁ ୨ଟିରେ ୫୦ରୁ ଅଧିକ ସ୍କୋର କରିଛନ୍ତି। ସେ ଏହି ଦୁଇଟି ସ୍କୋର ଲଗାତାର କରିଛନ୍ତି। ସେ ବିଭିନ୍ନ ପୋଜିସନରେ ଖେଳି ନିଜର ଛାପ ସୃଷ୍ଟି କରିଛନ୍ତି। ସେ ଉଝକ ବିପକ୍ଷରେ ଓପନର ଭାବରେ ୭୭ ରନ କରିଥିଲେ ଏବଂ ପରବର୍ତ୍ତୀ ମ୍ୟାଚରେ ସେ ୪ ନମ୍ବରରେ ଖେଳି ଅପରାଜିତ ୯୩ ରନ କରିଥିଲେ। ଓଚଖ ୨୦୨୫ ରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୩ଟି ମ୍ୟାଚ ରେ, ରାହୁଲ ୧୬୯.୭୨ ଷ୍ଟ୍ରାଇକ ରେଟରେ ୧୮୫ ରନ କରିଛନ୍ତି।

ଅଧିନାୟକ ଭାବେ ସେହୱାଗଙ୍କୁ ପଛରେ ପକାଇଦେଲେ ଅକ୍ଷର

ନୂଆଦିଲ୍ଲୀ,୧୧।୪ : ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଅକ୍ଷର ପଟେଲ ଏକ ନୂଆ ରେକର୍ଡ କରିଛନ୍ତି। ଆଇପିଏଲ ଇତିହାସରେ ପଟେଲ ଦିଲ୍ଲୀ କ୍ୟାପିଟାଲ୍ସର ପ୍ରଥମ ଅଧିନାକ ହୋଇଛନ୍ତି, ଯାହାଙ୍କ ନେତୃତ୍ୱରେ ଦିଲ୍ଲୀ ଦଳ ସିଜିନର ପ୍ରଥମ ଚାରୋଟି ମ୍ୟାଚ୍ ଜିତିଛି। ଏହି ମାମଲାରେ ସେ ଭାରତର କିମ୍ବଦନ୍ତୀ ଓପନର ବ୍ୟାଟ୍ସମ୍ୟାନ୍ ବୀରେନ୍ଦ୍ର ସେହୱାଗଙ୍କ ରେକର୍ଡ ଭାଙ୍ଗିଛନ୍ତି। ସେହୱାଗଙ୍କ ଅଧିନାୟକତ୍ୱରେ, ଦିଲ୍ଲୀ ୨୦୦୯ ଆଇପିଏଲ ସିଜିନର ପ୍ରଥମ ତିନୋଟି ମ୍ୟାଚ୍ ଜିତିଥିଲା। କିନ୍ତୁ ଅକ୍ଷର ପଟେଲଙ୍କ ଅଧିନାୟକତ୍ୱରେ, ଡିସି କ୍ରମାଗତ ୪ଟି ବିଜ।

ହାସଲ କରିଛି। ଏହା ପ୍ରଥମ ଥର ଯେ ଅକ୍ଷର ପଟେଲ ସମ୍ପୂର୍ଣ୍ଣ ଆଇପିଏଲ ସିଜିନ୍ ପାଇଁ ଏକ ଦଳର ଅଧିନାୟକ ଅଛନ୍ତି । ସେ ଦିଲ୍ଲୀର ଅଧିନାକ ଭାବରେ ରିଷଭ ପନ୍ତଙ୍କ ସ୍ଥାନ ନେଇଛନ୍ତି, ଯିଏ ବର୍ତ୍ତମାନ ଏଲଏସଜି ପାଇଁ ଖେଳୁଛନ୍ତି। ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚରେ, ଦିଲ୍ଲୀ ଏକ ରୋମା କର ଢଙ୍ଗରେ ଲକ୍ଷ୍ନୌ ସୁପରଜାଏ ସ୍କୁ ୧ ୱିକେଟ୍ରେ ପରାସ୍ତ କରିଥିଲା। ଏହା ପରେ ଦିଲ୍ଲୀ ସନରାଇଜର୍ସ ହାଇଦ୍ରାବାଦକୁ ୭ ୱିକେଟରେ ପରାସ୍ତ କରିଥିଲା। ଏହା ପରେ, ଅକ୍ଷର ପଟେଲଙ୍କ ସେନା ସିଏସକେକୁ ୨୫ ରନରେ ପରାସ୍ତ କରିଥିଲା ଏବଂ ଏବେ ଏହା ଆରସିବିକୁ ୬ ୱିକେଟରେ ପରାସ୍ତ କରିଛି। ଆଇପିଏଲ ୨୦୨୫ ସିଜିନ୍ ଆରମ୍ଭ ହେବା ପୂର୍ବରୁ, ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାନେଜମେ କେଏଲ ରାହୁଲଙ୍କୁ ଅଧିନାୟକତ୍ୱ ହସ୍ତାନ୍ତର କରିବାକୁ ଚାହୁଁଥିଲା, କିନ୍ତୁ ସେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ।

୧୫ ବର୍ଷରୁ କମ୍ ଇଂଟର କ୍ଲବ୍ ଫୁଟବଲ୍ ଚାମ୍ପିଅନସିପ

ସୁବର୍ଣ୍ଣପୁର, ୧୧।୪ (ମହାଭାରତ) : ସୋନପୁର ଗାନ୍ଧୀ ଷ୍ଟାଡିୟମରେ ୧୫ ବର୍ଷରୁ କମ୍ ଇଂଟର କ୍ଲବ୍ ଜିଲ୍ଲାସ୍ତରୀୟ ଫୁଟବଲ୍ ଚମ୍ପିଅନସିପ୍ ୨୦୨୫ ର ପଂଚମ ଦିବସରେ ତିନି ଗୋଟି ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି। ସୁବର୍ଣ୍ଣପୁର ଜିଲ୍ଲା କ୍ରିଡ଼ା ସଂଘ, ଫୁଟବଲ୍ ଆସୋସିଏସନ୍ ଓଡିଶା, ଯୁବ କ୍ରୀଡା ବିଭାଗ ଓଡ଼ିଶା ସରକାର ମିଳିତ ସହଯୋଗ ରେ ଅନୁଷ୍ଠିତ ଆଜିର ଏହି ଟୁର୍ଣ୍ଣାମେଂଟକୁ ଅତିଥି ଭାବରେ ଜିଲ୍ଲା କ୍ରିଡ଼ା ଅଧିକାରୀ ଚିତରଞ୍ଜନ ମିଶ୍ର କ୍ରିଦା ସଂଘ ଉପଦେଷ୍ଟା ନନ୍ଦ କିଶୋର ତ୍ରୀପାଠୀ, କାଉଁନ ସିଲର ଗଙ୍ଗା ତରିଆ, ଭେଟରାନ ଫୁଟବଲ୍ ଖେଳାଳି ତ୍ରିଲୋଚନ ଷାଣ୍ଡ ଯୋଗଦେଇ ମ୍ୟାଚ୍ କୁ ଉଦ୍ଘାଟନ କରି ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍‌କୁ ୧୦ ଗୋଟି ଫୁଟବଲ୍ ଦଳ ଏଥିରେ ଭାଗ ନେବାକୁ ଥିବା ବେଳେ ଆଜିର ପ୍ରଥମ ମ୍ୟାଚ୍ କଙ୍କାଳି ଏଫ୍ ସି ଜନ୍ମୁରା ଓ ରାମ ଧୂନ୍ କ୍ଲବ୍(ଡି) ମଧ୍ୟରେ ଅନୁଷ୍ଠିତ ହୋଇ ଥିବା ବେଳେ ମା ଚର୍ଦ୍ଦେଇ କ୍ଲବ୍ ଚର୍ଦା ଓ ରାମଜୀ କ୍ଲବ୍ ନିମ୍ବା ମଧ୍ୟରେ ଦ୍ୱିତୀୟ ମ୍ୟାଚ, ନାରାୟଣ ପୁର ଓ ବି ଏମ୍ ପୁର ଇଲେ ଭେନ୍ ମଧ୍ୟରେ ତୃତୀୟ ମ୍ୟାଚ ଅନୁଷ୍ଠିତ ହୋଇ ଥିଲା। ପ୍ରଥମ ମ୍ୟାଚ୍‌ରେ ଅମିମାଂସିତ ରହି ଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ରାମଜୀ କ୍ଲବ୍ ନିମ୍ବା ୧-୦ ଗୋଲ ରେ ଓ ତୃତୀୟ ମ୍ୟାଚ ନାରାୟଣ ପୁର ଦଳ ୩-୦ ଗୋଲରେ ବିଜୟୀ ହୋଇଛି କ୍ଷ ସମସ୍ତ ମ୍ୟାଚ କୁ ମୁଖ୍ୟ ରେଫରୀ ଭାବେ ଅନିଲ ଭୋଇ, ଫୋର୍ଥ ଅଫିସିଆଲ୍ ଭାବେ ସଞ୍ଜୀବ ସାହୁ ସହଯୋଗି ରେଫରି ଭାବେ ପ୍ରଶାନ୍ତ ସେଠି, ନରେଶ ମାଝୀ ଅନିଲ ଭୋଇ ଅନିତା ମହାକୁଡ, ଖେଳ ପରି ଚାଳନା କରିଥିଲେ। ବିକାଶ ପଣ୍ଡା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲା କ୍ରିଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଖେଳ ରେ ବିକାଶ ପଣ୍ଡା, ସନ୍ତୋଷ ପାଢ଼ୀ ଙ୍କ ସମେତ ଚନ୍ଦନ, ରଂଜୁ, ଅନିଲ, ଶିବ, ଚାହଦ, ରବି, ଚୈତ୍ୟନ୍ୟ, କିରଣ, ସଦା, ପୁରେନ, କଲିମ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ଅଷ୍ଟ୍ରେଲିଆ ଟୁରରେ ଯିବ ମହିଳା ହକି ଦଳ

ନୂଆଦିଲ୍ଲୀ,୧୧।୪ : ଭାରତୀୟ ମହିଳା ହକି ଦଳ ଅଷ୍ଟ୍ରେଲିଆ। ଟୁରରେ ଯିବ। ଦଳ ସେଠାରେ ଏପ୍ରିଲ ୨୬ରୁ ମେ ୪ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଏକ ସିରିଜ ଖେଳିବ। ଅଷ୍ଟ୍ରେଲିଆ। 'ଏ' ବିପକ୍ଷରେ ଦୁଇଟି ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ସେମାନେ ଅଷ୍ଟ୍ରେଲିଆ। ସିନିୟର ଦଳ ସହ ୩ଟି ମ୍ୟାଚ ଖେଳିବେ। ଟୁର୍ ବେଳେ ଅଷ୍ଟ୍ରେଲିଆ। 'ଏ' ବିପକ୍ଷରେ ପଛକୁ ପଛ ମ୍ୟାଚ ଏପ୍ରିଲ ୨୬ ଓ ୨୭ରେ ଖେଳାଯିବ।

ପରେ ବିଶ୍ୱ ୫ ନମ୍ବର ଦଳ ଅଷ୍ଟ୍ରେଲିଆ। ସିନିୟର ଦଳ ସହିତ ତିନୋଟି ମ୍ୟାଚ ମେ ୧, ୩ ଓ ୪ରେ ଖେଳାଯିବ। ଏହି ସମସ୍ତ ମ୍ୟାଚ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଆସନ୍ତା ଜୁନରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୨୦୨୪-୨୫ ଲାଗି ପ୍ରସ୍ତୁତି କ୍ଷେତ୍ରରେ ଏହି ଟୁର୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି। ନବମ ର୍ୟାଙ୍କିଙ୍ଗପ୍ରାପ୍ତ ଭାରତ ଏହି ସିରିଜ ପୂର୍ବରୁ ଭୁବନେଶ୍ୱରରେ ବିଶ୍ୱର ନମ୍ବର-୧

ନେଦରଲାଣ୍ଡ ବିପକ୍ଷ ମ୍ୟାଚ ୨-୨ ଡ୍ର ରଖିବା ସହ ରୋମା କ ଶୁଟ୍ ଆଉଟରେ ବୋନସ ପଏ ଅର୍ଜନ କରିଥିବାରୁ ଏହାର ମନୋବଳ ଉଚ୍ଚା ରହିଛି। ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୨୦୨୩-୨୪ରେ ଅଷ୍ଟ୍ରେଲିଆ। ସହ ଗତ ଥର ଭେଟରେ ଭାରତ ୧-୦ରେ ବିଜ। ଲାଭ କରିଥିଲା। ତେବେ ୨୦୧୩ ପରେ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ୧୬ଟି ମ୍ୟାଚ ମଧ୍ୟରୁ ୧୦ଟି ଅଷ୍ଟ୍ରେଲିଆ। ବିଜୟ ଲାଭ କରିଛି। ଭାରତ ତିନୋଟିରେ ବିଜୟ ଲାଭ କରିଥିବାବେଳେ ଅନ୍ୟ ତିନୋଟି ଡ୍ର ରଖିପାରିଛି।

ବଲାଙ୍ଗୀର ଚମ୍ପିୟାନ ଲିଗ୍ : ତୁଷାର ରୟାଲ କିଙ୍ଗ ଓ ସ୍ୱରାଜ ବିଜୟୀ

ବଲାଙ୍ଗୀର, ୧୧।୪ (ମହାଭାରତ) : ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଚାଲିଥିବା ଚମ୍ପିୟାନ ଲିଗ୍‌ର ଷଷ୍ଠ ଦିବସର ପ୍ରଥମ ମ୍ୟାଚଟି ତୁଷାର ରୟାଲ କିଙ୍ଗ ଓ ବ୍ଲାଷ୍ଟର ମଧ୍ୟରେ ହୋଇଥିଲା। ତୁଷାର ରୟାଲ ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ରେ ୮ ୱିକେଟ ବିନିମୟରେ ୧୬୦ ରନ୍ ସଂଗ୍ରହ କରିଥିଲେ। ଦଳ ତରଫରୁ ଅଂଶୁମାନ ମିଶ୍ର ସର୍ବାଧିକ ୪୪ ରନ୍ ଏବଂ ସୁବାଷିଶ ମିର୍ଦ୍ଧା ୨୮ ରନ୍ ସଂଗ୍ରହ କରିଥିଲେ। ବ୍ଲାଷ୍ଟର ଦଳ